## ସଂକ୍ଷେପରେ

### ବିୟର ଫ୍ୟାକ୍ଟ୍ରି ଆଗରେ ଠିକା ଶ୍ରମିକଙ୍କ ଧାରଣା

**ପାରାଦୀପ,୧୫।୫(ସ୍ୱ.ପ୍ର.):** ପାରାଦୀପର ଅଠରବାଙ୍କୀଠାରେ ଥିବା ବିୟର ଫ୍ୟାକ୍ଟ୍ରି ଆଗରେ ୮୦ ଜଣ ଠିକା ଶ୍ରମିକ ଶନିବାରଠାରୁ ଧାରଣାରେ ବସିଛନ୍ତି। ଧାରଣା ସମ୍ପର୍କରେ ଇଷ୍ଟକୋଷ୍ଟ ବ୍ରିୟରେଜ ଏମ୍ପ୍ଲୋଇଜ ୟୁନିୟନ ସଭାପତି ଉଲ୍ଲାସ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ଏହି ଶ୍ରମିକମାନେ ୧୫ରୁ ୨୦ ବର୍ଷ ହେଲା ଉକ୍ତ କମ୍ପାନୀରେ କାମ କରୁଛନ୍ତି। ଏହା ମଧ୍ୟରେ କମ୍ପାନୀ ୭ ଥର କିଣାବିକା ହୋଇସାରିଛି। ଗତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏ.ବି. ଇନଭେବ ନାମକ କମ୍ପାନୀ ମାଲିକାନାରେ ଥିଲା। ଏବେ କାଲ୍ସ ବ୍ରିୟରେଜ ପ୍ରାଇଭେଟ ଲିମିଟେଡ଼ ନାମକ କମ୍ପାନୀ କିଣିଛି। ଉକ୍ତ କମ୍ପାନୀ ଏହି ଶ୍ରମିକଙ୍କୁ ନିଯୁକ୍ତି ଦେବା ବଦଳରେ ଅନ୍ୟ ଶ୍ରମିକ ନିୟୋଜିତ କରିଛନ୍ତି। ସେଥିପାଇଁ ଏ ସମ୍ପର୍କରେ ଗତ ଏପ୍ରିଲ ୨୧ରେ ଶ୍ରମ ବିଭାଗ, ଜିଲା ପ୍ରଶାସନଙ୍କୁ ଅବଗତ କରିଥିଲୁ। ଏହାସତ୍ତ୍ୱେ କୌଣସି ସମାଧାନ ନ ହେବାରୁ ବାଧ୍ୟ ହୋଇ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦେଇଛୁ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ବାବା ରଞ୍ଜନ ଦାସମହାପାତ୍ରଙ୍କୁ ପଚାରିବାରେ ଯେଉଁ କମ୍ପାନୀ ଅଧିଗ୍ରହଣ କରିଛି ତା'ର କୌଣସି ସୂଚନା ଆମ ପାଖରେ ନାହିଁ। ତଥାପି ଆମେ ଦିନେ ଦୁଇଦିନ ମଧ୍ୟରେ ଏହାର ତର୍ଜମା କରି ଉପଯୁକ୍ତ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।

### ବନ୍ଦ ହେଲା ନାମଯଜ୍ଞ

**ବାଲିଡିଆ ଗ୍ରାମରେ ଦୁଇଗୋଷ୍ଠୀ ମୁହାଁମୁହିଁ**

**ପାରାଦୀପ ୧୫।୫(ସ୍ୱ.ପ୍ର.):** ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ବାଲିଡିଆ ଗ୍ରାମରେ ଶନିବାର ମଧ୍ୟରାତ୍ରିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ କଲ୍ୟାଣ ମଣ୍ଡପରେ ଶନିବାର ସନ୍ଧ୍ୟାରେ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହେବାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ସେଠାରେ ପୋଲିସ ପହଞ୍ଚି ଅଷ୍ଟପ୍ରହର ନାମଯଜ୍ଞ ବନ୍ଦ କରିବା ସହ ରବିବାର ସକାଳ ପର୍ଯ୍ୟନ୍ତ ଫୋର୍ସ ମୁତୟନ କରିଥିଲା। ଉକ୍ତ ବିବାଦ ସମ୍ପର୍କରେ ଗ୍ରାମ ମୁରବି ପ୍ରସନ୍ନ ବଳବନ୍ତରାୟ କୁହନ୍ତି, ପ୍ରାୟ ୩୦ ବର୍ଷ ହେଲା ଅଷ୍ଟପ୍ରହର ବୈଶାଖ ମାସରେ ହେଉଥିଲା। ଚଳିତବର୍ଷ ମଧ୍ୟ ଆୟୋଜନ କରାଯାଇଥିଲା। ଏଥିପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସ୍ୱୀକୃତି ମଧ୍ୟ ମିଳିଥିଲା। କିନ୍ତୁ ପଞ୍ଚାୟତ ନିର୍ବାଚନରେ ପରାଜିତ ଗୋଷ୍ଠୀ ଏହାକୁ ନେଇ ବିବାଦ ସୃଷ୍ଟି କରିଥିଲେ। ଯେଉଁ ପୋଲିସ ଶନିବାର ସକାଳେ ପିସିଆର ଗାଡି ପଠାଇ ମଣ୍ଡପ ନିର୍ମାଣ କରିବାର ସାହାଯ୍ୟ କରିଥିଲା, ତାକୁ ରାତିରେ ଫୋର୍ସ ଲଗାଇ ବନ୍ଦ କରିଦେଲା। ଏଥିପାଇଁ ଆମେ ନିରାଶ ହୋଇଛୁ। ସମାନ ଭାବେ ନାରାୟଣ ଚନ୍ଦ୍ର ରାଉତ, ହରିହର ମହାପାତ୍ର, ଗୌରାଙ୍ଗ ବେଉରା ପ୍ରମୁଖ ଗଣମାଧ୍ୟମ ଆଗରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ସବ୍ୟସାଚୀ ରାଉତ କୁହନ୍ତି, ପରିସ୍ଥିତି ଭଲ ଥିଲା ବେଳେ ଆମେ ସ୍ୱୀକୃତି ଦେଇଥିଲୁ। ସନ୍ଧ୍ୟା ପରଠାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିପାଇଁ ଆମେ ଅଷ୍ଟପ୍ରହର ବନ୍ଦ କରିବାକୁ ବାଧ ହେଲୁ।

# ପ୍ରାକୃତିକ ବାଲୁକା ସ୍ତୂପ ଉପରେ ମାଫିଆଙ୍କ ଦୃଷ୍ଟି

**କୁଜଙ୍ଗ, ୧୫।୫ (ଡି.ଏନ୍.ଏ.)**


ଅଭୟଚାନ୍ଦପୁର ମୌଜା ଭୋଷ୍କାଲିସ ପଏଣ୍ଟରେ ଥିବା ବାଲୁକା ସ୍ତୂପ।

- ବେଆଇନ ଭାବେ ବାଲି ଉଠାଯାଇ ଚୋରା ଚାଲାଣ ହେଉଛି
- ଗୋଟିଏ ପ୍ଲଟରୁ ରୟାଲ୍‌ଟି କଟାଯାଇ ଅନ୍ୟସ୍ଥାନରୁ ଉଠୁଛି
- ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କିଛି ଦିନ ବନ୍ଦ ଥିଲା

ଏରସମା ତହସିଲ ଅନ୍ତର୍ଗତ ଅଭୟଚାନ୍ଦପୁର ମୌଜା ଭୋଷ୍କାଲିସ ପଏଣ୍ଟ ସମୁଦ୍ରକୂଳ ପ୍ରାକୃତିକ ବାଲୁକା ସ୍ତୂପ ଉପରେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ପ୍ରାକୃତିକ ବାଲୁକା ସ୍ତୂପ ସଂଲଗ୍ନ ଘରୋଇ ଜମି ଉପରେ ବାଲି ଉଠାଣ ପାଇଁ ନାମକୁମାତ୍ର ରୟାଲଟି କାଟି ସରକାରୀ ଜାଗାରେ ଥିବା ବାଲୁକା ସ୍ତୂପରୁ ଦୈନିକ ଶହ ଶହ ଟ୍ରିପ ବାଲି ଉଠାଯାଇ ଚୋରା ଚାଲାଣ ହେଉଛି। ଏଥିରେ ଡିଙ୍କିଆ ଗ୍ରାମର କେତେଜଣ ବ୍ୟକ୍ତି ବାଲି ମାଫିଆଙ୍କୁ ପ୍ରୋତ୍ସାହନ ଦେଉଥିବାରୁ ଗ୍ରାମରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ରୟାଲଟି ଯେଉଁ ପ୍ଲଟ ଉପରେ କଟାଯାଇଛି ସେ ପ୍ଲଟରୁ ବାଲି ଉଠୁଛି କି ଅନ୍ୟ ସ୍ଥାନରୁ ଉଠୁଛି ତାହାକୁ ଯାଞ୍ଚ କରାଯାଉନାହିଁ। ଏପରିକି କେତେ ପରିମାଣର ବାଲି ଉଠୁଛି ତାର ମଧ୍ୟ ରାଜସ୍ୱ ବିଭାଗ ହିସାବ ରଖିବା ପାଇଁ ତତ୍ପରତା ପ୍ରକାଶ କରୁନାହିଁ। ଫଳରେ ବାଲିମାଫିଆମାନେ ଲକ୍ଷ ଲକ୍ଷ ଟଙ୍କାର ବାଲି ବିନା ରାଜସ୍ୱରେ ଲୁଟି ନେଉଛନ୍ତି। ଏସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବାଲି ଉଠାଣ କିଛି ଦିନ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ମାତ୍ର ପୁନର୍ବାର ଏବେ ବାଲି ଉଠାଣ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଡିଙ୍କିଆ ଗ୍ରାମର ବିବେକାନନ୍ଦ ସ୍ୱାଇଁ କହିଛନ୍ତି, ଏହି ବାଲିସ୍ତୂପ ଯୋଗୁ ୧୯୯୯ ମହାବାତ୍ୟାରେ ବଙ୍ଗୋପସାଗରରେ ଉଠିଥିବା ଉଚ୍ଚଢେଉ ଏହାକୁ ପାର କରିପାରି ନଥିଲା। ଫଳରେ ଡିଙ୍କିଆ, ମାହାଳ ଓ ତ୍ରିଲୋଚନପୁର ଆଦି ଗ୍ରାମକୁ ଲୁଣି ପାଣି ପଶି ନ ଥିଲା କି କୌଣସି ଜୀବନହାନି ହୋଇ ନ ଥିଲା। ବାଲି ଉଠାଣ ସମ୍ପର୍କରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଯେଉଁ ପ୍ଲଟ ଉପରେ ରୟାଲଟି କଟାହେଇଛି ସେଠାରୁ ବାଲି ଉଠିବା କଥା। ଯଦି ବେଆଇନ ଭାବେ ଅନ୍ୟ ସ୍ଥାନରୁ ଉଠାଯାଇଥାଏ ତାଙ୍କ ରୟାଲଟି ରଦ୍ଦ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସୁନାକର ବେହେରାଙ୍କୁ ପ୍ରାଉଡ୍ ଇଣ୍ଡିଆ ପାର୍ଲାମେଣ୍ଟ ଆୱାର୍ଡ



ଅତିଥିମାନେ ସୁନାକର ବେହେରାଙ୍କୁ ଆୱାର୍ଡ ପ୍ରଦାନ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୧୫।୫:** ମଦର ଟେରେସା ଫାଉଣ୍ଡେଶନ୍ ଓଡ଼ିଶା ଶାଖା ରାଜ୍ୟ ଅଧ୍ୟକ୍ଷ ଡ. ସୁନାକର ବେହେରାଙ୍କୁ ନୂଆଦିଲ୍ଲୀରେ ସମ୍ମାନିତ କରାଯାଇଛି। ସର୍ବଭାରତୀୟ ଦୁର୍ନୀତି ନିବାରଣ ପାର୍ଲାମେଣ୍ଟାରୀ କମିଟି ଦ୍ୱାରା ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ କ୍ଲବ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ବେହେରାଙ୍କୁ ପ୍ରାଉଡ ଇଣ୍ଡିଆ ପାର୍ଲାମେଣ୍ଟ ଆୱାର୍ଡ ମିଳିଛି। ସାମାଜିକ ନ୍ୟାୟିକ ଓ ସଶକ୍ତୀକରଣ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ ତାଙ୍କୁ ଏହା ପ୍ରଦାନ କରିଛନ୍ତି। ଏହିଅବସରରେ ଆୟୋଜିତ ସଭାରେ ଏମ୍‌ପିଡି. ଉମେଶ ଯାଦବ, ବଲିଉଡ ଅଭିନେତା ସହାଚାଜ ଖାନ, କେନ୍ଦ୍ରୀୟ ବରିଷ୍ଠ ଦୁର୍ନୀତି ନିବାରଣ ପଦାଧିକାରୀଙ୍କ ସମେତ ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ରମେଶ ଖେଣ୍ଟୁ ରାଠୋଡ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ୨ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଉତ୍କଟ

**ରଘୁନାଥପୁର,୧୫।୫(ଡି.ଏନ୍.ଏ.)**

- ରାଢ଼ଙ୍ଗରେ ୬ ମାସ ହେବ ସମସ୍ୟା
- ଜଗନ୍ନାଥପୁରର ୧୩ ୱାର୍ଡରେ ପାଣି ମିଳୁନି

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ଓ ଜଗନ୍ନାଥପୁର ପଞ୍ଚାୟତରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ଅସହ୍ୟ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ପାନୀୟଜଳ ପ୍ରକଳ୍ପର ଓଭରହେଡ ଟାଙ୍କିଥାଇ ବିଭିନ୍ନ ଗ୍ରାମକୁ ପାଣି ପହଞ୍ଚିପାରୁନାହିଁ ବୋଲି ଜଗନ୍ନାଥପୁର ସରପଞ୍ଚ ଜଗବନ୍ଧୁ ମଲ୍ଲିକ ଓ ରାଢ଼ଙ୍ଗର ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ମହାରଣା ଅଭିଯୋଗ କରିଛନ୍ତି। ରାଢ଼ଙ୍ଗ ପଞ୍ଚାୟତ କରିମୂଳ ଗ୍ରାମରେ ଛଅମାସ ତଳୁ ପାଣି ସମସ୍ୟା ଦେଖାଦେଇଛି। ଘରକୁ ଘର ପାଇପ୍ ଦ୍ୱାରା ପାଣି ସଂଯୋଗ ହୋଇଥିଲେ ସୁଦ୍ଧା ସେମାନେ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି ବୋଲି ରବୀନ୍ଦ୍ର ମହାରଣା, ପ୍ରଶାନ୍ତ ରାଉତ, ଦୀପକ ନାୟକ, ପ୍ରଦ୍ୟୁମ୍ନ ରାଉତ, ମହେନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି। ସେହିପରି ଜଗନ୍ନାଥପୁର ପଞ୍ଚାୟତର ୧୩ଟି ୱାର୍ଡର ୨ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଦୀର୍ଘବର୍ଷ ଧରି ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ନବନିର୍ବାଚିତ ସରପଞ୍ଚ ମଲ୍ଲିକ ଏ ସମ୍ପର୍କରେ ଗତ ସୋମବାର ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଏହାର ସମାଧାନ ପାଇଁ ବିଭାଗୀୟ ଯନ୍ତ୍ରୀ ଦୀପାଲିକା ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରଘୁନାଥପୁର ବଜାର ଗୋପବନ୍ଧୁଙ୍କ ପଛ ପାର୍ଶ୍ୱ ଜଳସେଚିତ କେନାଲ ଉପରେ ଥିବା ଏକ କଲଭର୍ଟ ତଳେ ପାଇପ୍ ପକାଇବା ପାଇଁ ଜଳସେଚନ ବିଭାଗ ଅନୁମତି ନ ଦେବାରୁ ଉକ୍ତ ୱାର୍ଡଗୁଡିକୁ ପାଣି ପହଞ୍ଚି ପାରୁନାହିଁ ବୋଲି ଯନ୍ତ୍ରୀ ବିଶ୍ୱାଳ କହିଛନ୍ତି। ସେହିପରି କରିମୂଳରେ ଲୋକେ ପାନୀୟଜଳ ପାଇପ୍‌କୁ ଫୁଟାଇ ବିଭିନ୍ନ ସ୍ଥାନରେ ଚାଷୋପଯୋଗୀ ଭାବେ ବ୍ୟବହାର କରୁଥିବାରୁ ଘରୋଇ କନେକ୍ସନରେ ସମସ୍ୟା ଉପୁଜୁଛି ବୋଲି ରାଢ଼ଙ୍ଗର ପାନୀୟ ଜଳ ଦାୟିତ୍ୱରେ ଥିବା ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ କହିଛନ୍ତି।

## 'ଶିକ୍ଷକତା ପେସାରୁ କେବେବି ଅବସର ମିଳେନି'

**ତିର୍ତ୍ତୋଲ, ୧୫।୫ (ଡି.ଏନ.ଏ.)**

ଶିକ୍ଷକତା ପେସାରୁ କେବେବି ଶିକ୍ଷକଙ୍କୁ ଅବସର ମିଳି ନ ଥାଏ। ସାରା ଜୀବନ ଶିକ୍ଷକ ଶିକ୍ଷା ପ୍ରଦାନ କରିଥାନ୍ତି ବୋଲି ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ମୁଥାପଦାସ୍ଥିତ ଗଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପୂଜ୍ୟପୂଜା ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ, ମୁଖ୍ୟବକ୍ତା ଶିକ୍ଷକ ନେତା ମନୋରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ଗାରୋଇ ସରପଞ୍ଚ ଦୀପ୍ତିରେଖା ଲେଙ୍କା ଯୋଗଦେଇଥିଲେ। ଅତିଥିମାନେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦାମୋଦର ଆଚାର୍ଯ୍ୟ ଏବଂ ଶିକ୍ଷା କର୍ମଚାରୀ ଧନେଶର ରାଉତଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଥିଲେ। ପୂଜ୍ୟପୂଜକ ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅମିୟ କୁମାର ପାଳ, ସନ୍ତୋଷ କୁମାର ଜେନା, ଯଦୁମଣି ଦାସ, ଗଙ୍ଗାଧର ସ୍ୱାଇଁ, ଶତ୍ରୁଘ୍ନ ନାଥ, ବ୍ରଜନାଥ ଷଡ଼ଙ୍ଗୀ, କୁଳମଣି ସାହୁ ଏବଂ ଶିକ୍ଷା କର୍ମଚାରୀ ଅଭୟ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାର୍ଥୀ ଓ ପୂର୍ବତନ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ।

## ଜୁଲାଇରେ ବଂଶୀଧରଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**ବାଲିଆ, ୧୫।୫:** ସାମ୍ୟବାଦୀ ନେତା ବଂଶୀଧର ସ୍ମୃତି କମିଟିର ଦ୍ୱାଦଶ ସାଧାରଣ ବୈଠକ ବାଲିଆସ୍ଥିତ ୨୨ ମୌଜା ଚାଷୀଖଣ୍ଡ ସାଇ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଅରୁଣ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କମିଟିର ସ୍ୱର୍ଗତ ବଂଶୀଧର ଦାସଙ୍କ ପୁତ୍ର ଅସିମ ଅମିତାବ ଦାସ, ଉପସଭାପତି ଯୁଧିଷ୍ଠିର ବେହେରା, ସମ୍ପାଦିକା ଭାରତୀ ବେହେରା, ଗୟାଧର ମହାନ୍ତି, ବିଭୂତି ରାୟ, ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭୂତି ରାୟ ବିବରଣୀ ପାଠ କରିଥିଲେ। ସଭାପତି ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ଜୁଲାଇରେ ସ୍ୱର୍ଗତ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ପୂର୍ବରୁ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣ ଏବଂ ମେଧାବୃତ୍ତି ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।




# ଲୋକେ ଜାଗା ଦେବାରୁ ହେବ ସରକାରୀ ରାସ୍ତା

**ଆଳି,୧୫।୫ (ଡି.ଏନ୍.ଏ.)**

ରାଜ୍ୟ ସରକାର ଗମନାଗମନର ବିକାଶ ନିମନ୍ତେ ବିଭିନ୍ନ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରଛନ୍ତି। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ପତ୍ରପୁର ପଞ୍ଚାୟତର ୬ ଓ ୧୫ ନଂ. ୱାର୍ଡରେ ରହୁଥିବା ୩ଟି ସାହିର ଲୋକମାନେ ରାସ୍ତା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ପଞ୍ଚାୟତର ନୂତନ ସରପଞ୍ଚ କାନନ ବିହାରୀ ପରିଡ଼ାଙ୍କ ଚେଷ୍ଟାରେ ଏବେ ସେହି ରାସ୍ତା ନିର୍ମାଣ ହେବାକୁ ଯାଉଛି। ଗ୍ରାମବାସୀ ନିଜ ନିଜ ଜାଗା ସରକାରୀ ଖାତାକୁ ଦେବା ପରେ ରାସ୍ତା ନିର୍ମାଣ ନିମନ୍ତେ ବାଟ ଫିଟିଛି। ସୂଚନାଯୋଗ୍ୟ, ପତ୍ରପୁର ପଞ୍ଚାୟତର ୬ନଂ. ୱାର୍ଡ ଅଧୀନ ହରିଜନ ସାହି, ସେଠୀ ସାହି, ରାଉତ ସାହି ଓ ସାହୁ ସାହିରେ ପ୍ରାୟ ଶତାଧିକ ପରିବାର ଦୀର୍ଘ ଦଶନ୍ଧି ଧରି ରହିଆସୁଛନ୍ତି। ହେଲେ ରାସ୍ତାଟିଏ ନ ଥିବାରୁ ଅସୁବିଧା ଭୋଗୁଥିଲେ। ବର୍ଷାଦିନେ ସେହି ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଥିବାରୁ ସେମାନେ ଘରୁ ପଦାକୁ ବାହାରି ପାରନ୍ତି ନାହିଁ। ଏ ନେଇ ସେମାନେ ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିଲା। ସରପଞ୍ଚ ପରିଡ଼ା ଗ୍ରାମବାସୀଙ୍କ ସହ ମିଳିତ ଭାବେ ଆଲୋଚନା କରିବା ପରେ ରାସ୍ତା ନିର୍ମାଣ ନିମନ୍ତେ ନିଜସ୍ୱ ଜାଗା ସରକାରଙ୍କୁ ଦେଇଥିଲେ। ସେହିପରି ୧୫ନଂ. ୱାର୍ଡର ରାଏସରପୁର ଶ୍ମଶାନକୁ ଥିବା ରାସ୍ତାକୁ ଅବରୋଧ କରି ରଖିଥିବା ଲୋକମାନେ ରାସ୍ତା ନିର୍ମାଣ ପାଇଁ ଜାଗା ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଆବେଦନପତ୍ର ବିଡିଓଙ୍କୁ ପ୍ରଦାନ କରାଯିବା ପରେ ରାସ୍ତା ନିର୍ମାଣ ନିମନ୍ତେ ପ୍ରୋଜେକ୍ଟ ପାସ୍ କରିଛନ୍ତି। ଫଳରେ ଏହି ରାସ୍ତା କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସରପଞ୍ଚ ପରିଡ଼ା ପ୍ରକାଶ କରିଛନ୍ତି।

**ପତ୍ରପୁର ପଞ୍ଚାୟତର ୬, ୧୫ ନଂ. ୱାର୍ଡ**



ଗ୍ରାମବାସୀଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।




# 'ମହାପ୍ରଭୁଙ୍କ ନିକଟରେ ନିଜକୁ ଉତ୍ସର୍ଗ କର'

**ଜଗତ୍‌ସିଂହପୁର ଅଫିସ,୧୫।୫**

**ବଟ ଶ୍ରୀକ୍ଷେତ୍ରର ସୁଭଦ୍ରା ସନ୍ଧ୍ୟା**

ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆମକୁ ଏ ସୁନ୍ଦର ଶରୀର ସାଙ୍ଗକୁ ବୁଦ୍ଧି, ବିବେକ ଓ ଜ୍ଞାନ ଆଦି ସବୁକିଛି ଦେଇଛନ୍ତି। ତେଣୁ ମହାପ୍ରଭୁଙ୍କ ନିକଟରେ ନିଜକୁ ଉତ୍ସର୍ଗ କର। ଏପରି କଲେ ଜୀବନ ସାର୍ଥକ ହେବ ବୋଲି ଜଗତ୍‌ସିଂହପୁର ପାଟେଣୀଗାଁସ୍ଥିତ ବଟ ଶ୍ରୀକ୍ଷେତ୍ର ପଞ୍ଚଦଶ ବାର୍ଷିକ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ପୁରୀସ୍ଥିତ ଜଗନ୍ନାଥ ବେଦ କର୍ମକାଣ୍ଡ ସଂସ୍କୃତ ମହାବିଦ୍ୟାଳୟ ପ୍ରାଧ୍ୟାପିକା ଡ. ହରପ୍ରିୟା ଦାଶ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଛନ୍ତି। ମା'ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ ଉତ୍ସବର ଚତୁର୍ଥ ସନ୍ଧ୍ୟା ସମର୍ପିତ ଥିଲା। ଏହି ସୁଭଦ୍ରା ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗଦେଇ ଜଗନ୍ନାଥଙ୍କ ମହିମା ଉପରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ଓଡ଼ିଆ ପ୍ରାଧ୍ୟାପିକା ଡ. ଉର୍ମିଳା ମହାରଣା ମହାପ୍ରଭୁଙ୍କ ବାରମାସରେ ତେର ପର୍ବ ଉପରେ ଆଲୋକପାତ କରିଥିଲେ। ନିର୍ମାଲ୍ୟ ପତ୍ରିକାର ସମ୍ପାଦିକା ମଧୁସ୍ମିତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଡ. ହରପ୍ରିୟା ଦାଶଙ୍କୁ ଶ୍ରୀ ସୁଭଦ୍ରା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ପାବନ ଉତ୍ସବରେ ଆଧ୍ୟାତ୍ମିକ ଜଣାଅଜଣା କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ନବକାକଳି ପତ୍ରିକାର ପରିଚାଳନା ସମ୍ପାଦିକା ମନୋରମା ଦାଶ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ମିନତି ନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ଭୁବନେଶ୍ୱରର ପ୍ରଖ୍ୟାତ ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା।



ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ।

**ବୃଦ୍ଧଙ୍କ ଆତ୍ମହତ୍ୟା ଅଭିଯୋଗ**

**କଳିଙ୍ଗନଗର,(ଡି.ଏନ.ଏ.):** ଯାଜପୁର ରୋଡ୍ ଥାନା ତଥା ଦାନଗଦୀ ଫାଣ୍ଡି ଅର୍ନ୍ତଗତ ରଣାଗୁଣ୍ଡି ପଞ୍ଚାୟତ ଛତ୍ରା(ରୋଡ଼ିଗୋଠ)ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ହାଡ଼ି ରଣସିଂ। କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଫଳରେ ହାଡ଼ି ନିଜ କ୍ରୋଧ ସମ୍ବରଣ କରି ନ ପାରି ଘର ନିକଟସ୍ଥ ଏକ ଆମ୍ବଗଛରେ ରଶି ଲଗାଇ ଦେଇଥିଲେ। ଖବର ପାଇ ଦାନଗଦି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ଥାନାରେ ନଂ.୧୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଫାଣ୍ଡି ତଦନ୍ତ ଅଧିକାରୀ ଯୁଧିଷ୍ଠିର ମଳିକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରେଳଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

**କଳିଙ୍ଗନଗର,୧୫।୫(ଡି.ଏନ.ଏ.):** ଯଖପୁରା-ଯାଜପୁର କେନ୍ଦୁଝର ରୋଡ୍ ରେଳ ଧାରଣାରୁ ରବିବାର ଏକ ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରାଯାଇଛି। ଏଠାରେ ମୃତଦେହ ପଡ଼ିଥିବା ସମ୍ପର୍କରେ ଗ୍ୟାଙ୍ଗମ୍ୟାନ ଗଙ୍ଗାଧର ପରିଡ଼ା ଯାଜପୁର-କେନ୍ଦୁଝର ରୋଡ ରେଳବାଇ ଥାନାକୁ ସୂଚନା ଦେଇଥିଲେ। ଏଏସ୍ଆଇ ଶ୍ରୀଧର ମଲିକ ଏବଂ ସୁନାରାମ କୁଡ଼ାଡ଼ା ପହଞ୍ଚି ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରିଥିଲେ। ମୃତ ବ୍ୟକ୍ତିଜଣକ କଳା ଚେକ ଶାର୍ଟ ପିନ୍ଧିଥିଲେ। ମୃତଦେହ ପଡ଼ିଥିବା ସ୍ଥାନରୁ ଏକ ଭଙ୍ଗା ମୋବାଇଲ ଫୋନ ଏବଂ ୨୫୦ ଟଙ୍କା ଜବତ କରାଯାଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ ବ୍ୟକ୍ତି ଜଣକ କୌଣସି ଟ୍ରେନରେ ଚଢ଼ିବା ନିମନ୍ତେ ଦୌଡ଼ିବାବେଳେ ଏଭଳି ଘଟିଥିବା ଆଶଙ୍କା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏନେଇ ଜିଆର୍‌ପି ଥାନାରେ ନଂ.୩୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅଧିକ ତଦନ୍ତ ନିମନ୍ତେ ଏସ୍ଆଇ ପି.କେ. ନାଏକ ଏବଂ ଏସ.ମଲିକଙ୍କୁ ଦାୟିତ୍ୱ ଦିଆଯାଇଥିବା ଆରପିଏଫ୍ ଥାନାଧିକାରୀ ପ୍ରବୀଣ କୁମାର ସୂଚନା ଦେଇଛନ୍ତି।

### କେନାଲରେ ବୁଡ଼ି ଯୁବକ ମୃତ

**ଚଣ୍ଡିଖୋଲ,୧୫।୫(ଡି.ଏନ.ଏ.):** ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧୀନ ରାମଚନ୍ଦ୍ରପୁର ଶବର ସାହିର ଜଣେ ଯୁବକଙ୍କ ରବିବାର ନିକଟସ୍ଥ ହାଇଲେଭଲ କେନାଲରେ ବୁଡ଼ି ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଚତୁରା ଦେହୁରି(୩୫)। ସେ ରବିବାର କେନାଲକୁ ଗାଧୋଇବାକୁ ଯାଇଥିଲାବେଳେ ଗଭୀର ଖାତ ମଧକୁ ଖସି ଯାଇଥିଲେ। ଗୋଡ଼ ନ ପାଇବାରୁ ବୁଡ଼ି ଯାଇଥିଲେ। ତେବେ ତାଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଏହି ସମୟରେ କେନାଲରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମୃତଦେହ ଉଦ୍ଧାର କରିଥିଲେ। ଏହାପରେଧାନମଣ୍ଡଳ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏନେଇ ନଂ.୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ଦାସ ସୂଚନା ଦେଇଛନ୍ତି।

### ୪୦ ଫୁଟ୍ ତଳକୁ ଖସିଲା କାର୍, ବର୍ତ୍ତିଲେ ଚାଳକ

**ପାଣିକୋଇଲି,୧୫।୫(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ବ୍ରିଜ୍‌ଉପରୁ ୪୦ ଫୁଟ ତଳକୁ ଏକ କାର ଭାରସାମ୍ୟ ହରାଇ ଖସି ପଡ଼ିଛି। ଏଥିରେ ଚାଳକ ଆହତ ହୋଇଛନ୍ତି। ହେଲେ ସେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଆହତ ଚାଳକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ନମଟିକରି ଗ୍ରାମର ନବକିଶୋର କବି। କାର୍‌ଟି ରବିବାର ଅପରାହ୍ନରେ କଟକରୁ ଭଡ଼ା ଛାଡି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ହାଇୱେ ପାଟ୍ରୋଲିଂ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। କାର୍‌ଟି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି।

# ଏନ୍‌ଏଚ୍‌ଏଆଇ ଅବହେଳାରୁ ଦୁର୍ଘଟଣା ବୃଦ୍ଧି

**ଯାଜପୁର ଅଫିସ,୧୫।୫**

ଜନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ ପାଇଁ କେନ୍ଦ୍ର ସରକାର ବିପୁଳ ଅର୍ଥ ବ୍ୟୟବରାଦ କରି ଜାତୀୟ ରାଜପଥ (ଏନ୍‌ଏଚ୍) ନିର୍ମାଣ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସାଲିସ ଯୋଗୁ ରାଜପଥ ନିର୍ମାଣରେ ବ୍ୟାପକ ହରିଲୁଟ ହେଉଛି। ଏଥିଯୋଗୁ ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହେଉ ନ ଥିବାବେଳେ ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡୁଛି। ରାଜ୍ୟରେ ଗତ ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୪୫ ହଜାର ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଭାରତ ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଅସହଯୋଗ ଏବଂ ଅବହେଳା କାରଣରୁ ଅଧିକାଂଶ ଦୁର୍ଘଟଣା ବିଭିନ୍ନ ଜାତୀୟ ରାଜପଥରେ ଘଟୁଛି ବୋଲି ଦାୟୀ କରାଯାଇଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସଡ଼କ ସୁରକ୍ଷା ଅଭିଯାନରେ ଉପଯୁକ୍ତ ଭାବେ ସାମିଲ ହୋଇ ସହଯୋଗ କରିବାକୁ ଏନ୍‌ଏଚ୍‌ଏଆଇର ଚିଫ୍ ଜେନେରାଲ ମ୍ୟାନେଜର (ସିଜିଏମ) ଏବଂ ରିଜିଓନାଲ ଅଫିସର(ଆର୍‌ଓ)ଙ୍କୁ ପତ୍ର ଲେଖିଛନ୍ତି।

ଓଡ଼ିଶାର ସିଆଇଡି ଓ କ୍ରାଇମବ୍ରାଞ୍ଚ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ୨୦୨୦ ଅପେକ୍ଷା ୨୦୨୧ରେ ଦୁର୍ଘଟଣାଜନିତ ମୃତ୍ୟୁହାର ୭.୨୪% ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ ୨୦୨୧ରେ ରାଜ୍ୟରେ ୧୦,୯୮୪ଟି ଦୁର୍ଘଟଣା ହୋଇଥିବାବେଳେ ୫୦୮୧ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୦ରେ ୯୮୧୭ଟି ଦୁର୍ଘଟଣାରେ ୪୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ସଡ଼କ ଦୁର୍ଘଟଣାକୁ ହ୍ରାସ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ରୋଡ ସେଫ୍ଟି କମିଟି(ଡିଆର୍‌ଏସ୍‌ସି) ଗଠନ କରାଯାଇଛି। କିନ୍ତୁ ଏହି ଡିଆରଏସ୍‌ସି ବୈଠକକୁ ଏନ୍‌ଏଚ୍‌ଏଆଇ ବାଲେଶ୍ୱର ପ୍ରୋଜେକ୍ଟ ଡାଇରେକ୍ଟର(ପିଡି) ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରି ଆସୁଛନ୍ତି। ଏହିମର୍ମରେ ସଚିବ ସେଠୀ ତାଙ୍କ ପତ୍ରରେ ଆହୁରି ଦର୍ଶାଇଛନ୍ତି ଯେ, ସଡ଼କ ଦୁର୍ଘଟଣା ମୃତ୍ୟୁହାର ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ଦୁର୍ଘଟଣା ମୃତକଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଏବଂ ପ୍ରାୟତଃ ସେମାନେ ପରିବାରର ରୋଜଗାରକ୍ଷମ ବ୍ୟକ୍ତି। ବାଲେଶ୍ୱର ଏନ୍‌ଏଚ୍‌ଏଆଇ ପିଡିଙ୍କ ଅଧୀନରେ ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲା ଦେଇ ଯାଇଥିବା ୪୯, ୧୬ ଓ ୧୮ ନମ୍ବର ଜାତୀୟ ରାଜପଥ ରହିଛି। ସଡ଼କ ସୁରକ୍ଷା ଦୃଷ୍ଟିରୁ ମୟୂରଭଞ୍ଜ ହେଉଛି ଅନ୍ୟତମ ଅସୁରକ୍ଷିତ ଜିଲା। ୨୦୨୧ରେ ଏହି ଜିଲାରେ ୫୪୦ ଦୁର୍ଘଟଣାରେ ୩୧୨ ଜଣଙ୍କ ମୃତ୍ୟୁ ହୋଇଥିଲା। ତଥ୍ୟ ଅନୁଯାୟୀ ଏହି ଜିଲାର ୧୩ଟି ବ୍ଲାକ ସ୍ପଟ୍ ଅଛି। ସେଥିମଧ୍ୟରୁ ଦ୍ୱାରସୁନିଘାଟ ଜିଲାର ଏକ ବିପଜ୍ଜନକ ସ୍ଥାନ। ଏଠାରେ ପ୍ରତି ମାସରେ ୨/୩ ଦୁର୍ଘଟଣା ଘଟେ। ଏହି ପ୍ରସଙ୍ଗ ଡିଆରଏସ୍‌ସି ବୈଠକରେ ନିୟମିତ ଆଲୋଚନା କରାଯାଇଥାଏ। କିନ୍ତୁ ବାଲେଶ୍ୱର ଏନ୍‌ଏଚ୍‌ଏଆଇ ପିଡି ଏହି ବୈଠକରେ ଯୋଗଦେବା ଆବଶ୍ୟକ ବୋଲି ଅନୁଭବ କରନ୍ତି ନାହିଁ। ଏହା ସଡ଼କ ସୁରକ୍ଷା ପ୍ରତି ଅବହେଳା ମନୋଭାବ ବୋଲି ସ୍ପଷ୍ଟ ମନେହେଉଛି ବୋଲି ସଚିବ କହିଛନ୍ତି। ପୂର୍ବରୁ ଯାଜପୁର ଜିଲାରେ ହେଉଥିବା ବୈଠକରେ ମଧ ଏନଏଚ୍‌ଏଆଇ କର୍ତ୍ତୃପକ୍ଷ ଯୋଗ ଦେଇ ନ ଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ୧୬ ନମ୍ବର ଏନ୍‌ଏଚ୍ ସମ୍ପ୍ରସାରଣ ଶେଷ କରିବାରେ ବିଳମ୍ବ ଏବଂ ଗୋଟିଏ ରାସ୍ତାରେ ଉଭୟ ପାର୍ଶ୍ୱରୁ ଗମନାଗମନ ଦୁର୍ଘଟଣା ବୃଦ୍ଧିର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ତେଣୁ ଉପଯୁକ୍ତ ଯୋଜନାରେ ଜାତୀୟ ରାଜପଥ ସମ୍ପ୍ରସାରଣ ହେଉ ନ ଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ବାଲେଶ୍ୱର ପିଡି ଜେ.ପି. ବର୍ମାଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ବିଭାଗ ଅଧୀନରେ ତାଙ୍କୁ ମିଶାଇ ମାତ୍ର ୨ ଜଣ ଅଧିକାରୀ ରହିଛନ୍ତି। ଏଥିରେ ରାଜପଥ ନିର୍ମାଣ ପରିଚାଳନା ସହ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ରହିଛି। ଇତିମଧ୍ୟରେ ମୟୂରଭଞ୍ଜ ଜିଲାରେ ଅନୁଷ୍ଠିତ ୯ଟି ବୈଠକରୁ ୨ ବୈଠକରେ ସେ ଯୋଗ ଦେଇଛନ୍ତି। ବିଭାଗୀୟ କାର୍ଯ୍ୟରେ ବ୍ୟସ୍ତତାରୁ ସମସ୍ତ ବୈଠକରେ ଯୋଗଦେବା ସମ୍ଭବ ନୁହେଁ।

### ସିଜିଏମ୍‌ଙ୍କୁ ପରିବହନ ସଚିବଙ୍କ ଚିଠି


ଯାଜପୁର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**କୋରେଇ,୧୫।୫(ସ୍ୱ.ପ୍ର.)**

କୋରେଇ ଥାନା ପଛିକୋଟ ପଞ୍ଚାୟତ ଖମିଗାଁ ଆକାଶିଆ ଜଙ୍ଗଲ ମଧ୍ୟରେ ଥିବା ଏକ କାଜୁ ଗଛରୁ ରବିବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଦାନଗଦି ବ୍ଲକ ଉଲଳ ଗ୍ରାମର କୋଦଣ୍ଡ ଜେନା(୬୬)। ତାଙ୍କ ପୁଅ ସନାତନ ଓ ଗୋଲଖ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତକଙ୍କ ଗୋଡ଼ ତଳେ ଲାଗିଥିବା ବେଳେ ଗୋଟିଏ ଗୋଡ଼ ଦେଇ ରକ୍ତ ଝରୁଥିବା ଦେଖିବାକୁ ମିଳିଛି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇପାରି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ୨ଜଣଙ୍କ ଘରୁ ଟଙ୍କା, ସୁନା ଚୋରି

**ଚଣ୍ଡିଖୋଲ,୧୫।୫(ଡି.ଏନ.ଏ.)**

ବଡ଼ଚଣା ଥାନା ସୁଙ୍ଗୁଡ଼ା ପଞ୍ଚାୟତ ତୁଳସୀ ନଗର ଗ୍ରାମରେ ଶନିବାର ରାତିରେ ଦୁଇ ଜଣଙ୍କ ଘରୁ ଟଙ୍କା ଓ ସୁନା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ତୁଳସୀ ନଗର ଗ୍ରାମର ଦେବେନ୍ଦ୍ର ନାଥ ଦ୍ୱିବେଦୀ ଏବଂ ତାଙ୍କ ଘରେ ଭଡ଼ାରେ ରହୁଥିବା ଧର୍ମଶାଳା ଥାନା ରାଧାଦେଇପୁର ଗ୍ରାମର ରମେଶଚନ୍ଦ୍ର ଗନ୍ତାୟତ ଏହି ଲୁଟ୍‌ର ଶିକାର ହୋଇଛନ୍ତି। ଗତ ୧୪ତାରିଖରେ ଏକ ବିବାହ ଭୋଜିରେ ଯୋଗଦେବାକୁ ଉଭୟ ପରିବାର ବାହାରକୁ ଯାଇଥିଲେ। ଏହି ସମୟରେ ଦେବେନ୍ଦ୍ରଙ୍କ ଘର ସ୍କାଇଲାଇଟ୍ ଭାଙ୍ଗି ଦୁର୍ବୃତ୍ତ ସୁନାଗହଣା ଚୋରି କରିଥିଲେ। ରମେଶଙ୍କ ଘରୁ ସୁନାଗହଣା ସମେତ ୫୧ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ.୧୬୧/୨୨ରେ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଚୋରା ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟର ଜବତ

**ବାଲିଚନ୍ଦ୍ରପୁର,୧୫।୫(ସ୍ୱ.ପ୍ର.)**

ଏକ ଚୋରା ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟରକୁ ବାଲିଚନ୍ଦ୍ରପୁର ପୋଲିସ ଜବତ କରିଛି। ଏଥିସହିତ ଏହାର ଚାଳକ ଚାରିନଙ୍ଗଳ ଗ୍ରାମର ସେକ୍ ସାହାବୁଦ୍ଦିନ୍‌ଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଥିବା ତଦନ୍ତ ଅଧିକାରୀ ଗିରିଶ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଉକ୍ତ ନମ୍ବର ବିହୀନ ଟ୍ରାକ୍ଟର କୃଷ୍ଣଦାସପୁର-ରତ୍ନଗିରି ରୋଡ଼ରେ ଆସୁଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲା। ତନଖି ପରେ ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଟ୍ରାକ୍ଟରକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୯୨/୨୨ ରୁଜୁ ହୋଇଛି। ପ୍ରକାଶଥାଉକି, ଦର୍ପଣ ତହସିଲ ଅଧୀନରେ ୨ ବାଲିଘାଟ ନିଲାମ ଦିଆଯାଇଥିବା ବେଳେ ଅନେକ ଟ୍ରାକ୍ଟର ବିଭିନ୍ନ ସ୍ଥାନରୁ ମନଇଚ୍ଛା ବାଲି ଉଠାଉଛନ୍ତି। ଏନେଇ ଅଭିଯୋଗ ହେବାପରେ ତହସିଲ ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା।

# ଶ୍ରମିକଙ୍କ କାମ କରୁଛି ମେଶିନ


ମେଶିନ ଦ୍ୱାରା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି।

**ବରୀ,୧୫।୫(ଡି.ଏନ.ଏ.)**

ବରୀ ବ୍ଲକ ବରୀ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପୋଖରୀ ପୁନରୁଦ୍ଧାର ଓ ରାସ୍ତା କାର୍ଯ୍ୟ କରାଯାଉଛି। ତେବେ ଏହି କାର୍ଯ୍ୟ ଶ୍ରମିକଙ୍କ ଦ୍ୱାରା କରାଯିବାର ନିୟମ ଥିଲେ ମଧ ଏଠାରେ ତା'ର ଉଲ୍ଲଂଘନ କରାଯାଇଛି। ଶ୍ରମିକଙ୍କ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଛି। ଫଳରେ ଏଠାରେ ଥିବା ଶ୍ରମିକମାନେ କାମ ନ ପାଇ ଘରେ ବସିଛନ୍ତି। ତେଣୁ ସେମାନଙ୍କୁ ଉକ୍ତ ପ୍ରକଳ୍ପଗୁଡ଼ିକରେ କାର୍ଯ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହିକ୍ରମରେ ଶ୍ରମିକ ବସନ୍ତ ମଲିକ, କାର୍ତ୍ତିକ ମଲିକ, ବାଇଧର ମଲିକ, ଶରତ ମଲିକ, ୧୦ ନଂ. ଓ୍ୱାର୍ଡ ସଭ୍ୟ ରଞ୍ଜନ କୁମାର ଜେନା ପ୍ରମୁଖ ୫ଟି ସଚିବ, ଯାଜପୁର ଜିଲାପାଳ ଓ ବରୀ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ମାତ୍ର ୨ କି.ମି. ଦୂରରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇ କାର୍ଯ୍ୟ କରାଯାଉଥିଲେ ମଧ ଏଥିପ୍ରତି କାହାର ଦୃଷ୍ଟି ନ ପଡ଼ିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଉକ୍ତ ଯୋଜନାରେ ଅଦ୍ୟାବଧି ପଞ୍ଚାୟତର କେତେଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି ଓ କେତେଜଣ କାର୍ଯ୍ୟ କରିବାକୁ ଆବେଦନ କରିଛନ୍ତି ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇ ଦେବା କ୍ଷେତ୍ରରେ ବ୍ଲକ ପ୍ରଶାସନ ପକ୍ଷରୁ କେଉଁ ପଦକ୍ଷେପ ନିଆଯାଇଛି ତାହା ଜିଲା ପ୍ରଶାସନ ତରଫରୁ ତଦନ୍ତ କରାଯିବାକୁ ଦାବି ହୋଇଛି। ଏହାର ତଦନ୍ତ କରାଗଲେ ଦୁର୍ନୀତି ପଦାକୁ ଆସିବା ସହିତ ଶ୍ରମିକଙ୍କୁ କାମ ମିଳି ପାରନ୍ତା ବୋଲି ବୁଦ୍ଧିଜିବୀ ମତ ରଖିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

### ଜିଲାପାଳଙ୍କୁ ଅଭିଯୋଗ କଲେ କାମରୁ ବଞ୍ଚିତ ଶ୍ରମିକ

# ଖେଳ ସାମଗ୍ରୀ ରଖିବାକୁ ନେଇ ଗଣ୍ଡଗୋଳ, ୨ ଗିରଫ

**ଧର୍ମଶାଳା,୧୫।୫(ଡି.ଏନ.ଏ.)**

ଧର୍ମଶାଳା ଥାନା ଭୁବନ ଗ୍ରାମରେ ଶନିବାର ଭଲିବଲ ଖେଳ ସାମଗ୍ରୀ ରଖିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୪ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷର ଅଭିଯୋଗକ୍ରମେ ପୋଲିସ ୨ଟି ମାମଲା ରୁଜୁ କରିବା ସହ ରବିବାର ଉଭୟ ଗୋଷ୍ଠୀର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅବସରପ୍ରାପ୍ତ ଯବାନ ଚନ୍ଦ୍ରମଣି ନାୟକ ଓ ଜ୍ଞାନ ରଞ୍ଜନ ଦାସ। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଏନେଇ ନଂ.୨୬୭/୨୨ ଓ ୨୬୮/୨୨ରେ ମାମଲା ରୁଜୁ ହୋଇଛି।

# କବି ସଚ୍ଚି ରାଉତରାୟଙ୍କ ଜୟନ୍ତୀ

**ଧର୍ମଶାଳା,୧୫।୫(ଡି.ଏନ.ଏ.)**

କାବ୍ୟ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା, ଏ ମାଟିର ଦ୍ରୋଣ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଜାରକା ହାଇସ୍କୁଲଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଉଦ୍‌ଘାଟକଭାବେ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା, ମୁଖ୍ୟଅତିଥି ପ୍ରଫେସର ଡ. ବିଜୟ କୁମାର ଶତପଥୀ, ମୁଖ୍ୟବକ୍ତା ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଯତୀନ୍ଦ୍ର କୁମାର ରାଉତ ଓ ସମ୍ମାନିତ ଅତିଥି ସରୋଜିନୀ ସ୍ମୃତି ସଂସଦ ସମ୍ପାଦକ ଡ. ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ମାଟିର କବି ସଚ୍ଚିରାଉତରାୟ ଓଡ଼ିଆ ସାହିତ୍ୟରେ ଆଧୁନିକତାର ପ୍ରବର୍ତ୍ତକ ଓ ସାମ୍ୟବାଦ ଚେତନାର ବାର୍ତ୍ତାବହ ଥିଲେ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ହୃଷୀକେଶ ସାମଲ ସୂଚନା ଦେଇଥିବାବେଳେ ଉପସଭାପତି ମିନତି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଉପଦେଷ୍ଟା ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାଶ ମଙ୍ଗଳାସ୍ତୋତ ପାଠ କରିଥିବାବେଳେ ଅଧାପକ ବିଜୟ ନାୟକ କବିଙ୍କ ସଙ୍ଗୀତ ଛୋଟ ମୋର ଗାଁଟି ପରିବେଷଣରେ ସହାୟତା କରିଥିଲେ। କବିଙ୍କ ଲିଖିତ କାଳଜୟୀ କବିତା ମଧ୍ୟରୁ କେତୋଟି କବିତା ବ୍ରଜବନ୍ଧୁ ଶତପଥୀ, ପ୍ରତାପରୁଦ୍ର ପଣ୍ଡା, ପ୍ରଦୀପ ସାମଲ, ଗାୟତ୍ରୀ ନାୟକ, ନରୋତ୍ତମ ସାହୁ ଓ ବିଜୟ ନାୟକ ପାଠ କରିଥିଲେ। ଉପସ୍ଥିତ ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ପ୍ରିୟନାଥ ମହାପାତ୍ର ଓ ଅଧାପକ ପ୍ରଶାନ୍ତ କୁମାର ସାହୁ ମହାକବିଙ୍କ ସହ ସେମାନଙ୍କ ଅଭୁଲା ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଡ. ପୁରୁଷୋତ୍ତମ ବିଶ୍ୱାଳଙ୍କ ଲିଖିତ ପୁସ୍ତକ ରତ୍ନଦ୍ୱୀପର ଶୀତଳ ପବନକୁ ଅତିଥି ଉନ୍ମୋଚନ କରିଥିଲେ। ଗୋକର୍ଣ୍ଣିକା ସହ ସମ୍ପାଦକ ମହେଶ୍ୱର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ତୁହିନାଂଶୁ ରଥ, ଡ. ମହେଶ୍ୱର ଜେନାସାମନ୍ତ, ସନ୍ତୋଷ ତରାଇ, ନାରାୟଣ ନନ୍ଦ, କବି ନିରଞ୍ଜନ ଜେନା ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।



ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ବ୍ରାହ୍ମଣୀ ବ୍ରହ୍ମପୁର ବାଲିଘାଟରୁ ବେଆଇନ ଉତ୍ତୋଳନ

**କବାଟବନ୍ଧ,୧୫।୫(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ବ୍ରିଜ ନିକଟ ବ୍ରାହ୍ମଣୀ ନଦୀକୂଳ ପଠାରୁ ଅନୁମତି ନ ଥାଇ ବାଲି ଉଠାଣ ହେଉଛି। ଏନେଇ ନଦୀ ତଟବର୍ତ୍ତୀ ବ୍ରହ୍ମପୁର ଗ୍ରାମବାସୀ ଧର୍ମଶାଳା ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ଗ୍ରାମଟି ସରକାରୀ ଭାବେ ବନ୍ୟା ପ୍ଲାବିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ବନ୍ୟା ସମୟରେ ସେହି ଗ୍ରାମର ସମସ୍ତ ଘର ଜଳମଗ୍ନ ହୋଇଯାଇଥାଏ। ଏହି ଦୃଷ୍ଟିରୁ ବାଲି ସୈରାତଟି ସେହି ଗ୍ରାମର ଉପରଭାଗରେ ନିର୍ଦ୍ଧାରଣ କରାଯାଇଛି। ବାଲି ଖନନ ଓ ପରିବହନ କରାଗଲେ ନଦୀର ସ୍ରୋତ ବଦଳି ଯିବ ଏବଂ କୂଳ ଲଂଘି ବହୁ ପରିମାଣର ଚାଷ ଜମି ତଥା ଘର ନଦୀର ଗର୍ଭରେ ଲୀନ ହେବା ଆଶଙ୍କା ରହିଛି। କିନ୍ତୁ ଦୁର୍ଭାଗ୍ୟ ଯେ, ରସୁଲପୁର ତହସିଲର ଯାବରା ମୌଜାର ବାଲି ସୈରାତରୁ ଉକ୍ତ ମୌଜା ଦେଇ ସରକାରଙ୍କ ତରଫରୁ ଖନନ ଓ ପରିବହନ ବ୍ୟବସ୍ଥା ଥିବାବେଳେ ଧର୍ମଶାଳା ତହସିଲ ବ୍ରହ୍ମପୁର ମୌଜା ଦେଇ ପରିବହନ କରାଯାଉଛି। ବ୍ରହ୍ମପୁର ମୌଜା ଦେଇ ବାଲି ପରିବହନକୁ ବନ୍ଦ କରା ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ୧୨ତମ ମଙ୍ଗଳା ଚଣ୍ଡୀଯଜ୍ଞ ଉଦ୍‌ଯାପିତ

**ରସୁଲପୁର,୧୫।୫(ଡି.ଏନ.ଏ.)**

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ମେଲକ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶିନିବାର ପ୍ରତ୍ୟୁଷରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସଧାରୀ ମା'ଙ୍କ ପୁଷ୍କରିଣୀରୁ କଳସପୂର୍ଣ୍ଣ ଜଳଧାରଣକରି ମେଲକ, କରଞ୍ଜିଆରୀ ଆଦି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ମଞ୍ଜୁଲତା ଦେ ଓ ଶ୍ରୀଧର ଦେଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହୋଇଥିଲା। ପଣ୍ଡିତ ନିରଞ୍ଜନ କର, ପର୍ଶୁରାମ ପଣ୍ଡା, ନିଶିକାନ୍ତ ବାନାର୍ଜୀ, ସଞ୍ଜୀବ କୁମାର ରଥ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଯଜ୍ଞ ଅବସରରେ ମା'ଙ୍କ ନିକଟରେ ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାଯଜ୍ଞ, ଗାୟତ୍ରୀ ଯଜ୍ଞ, ବେଦପାଠ ଆଦି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପାରମ୍ପରିକ ରୀତିନୀତି ସହ ମା'ଙ୍କୁ ପୂଜା କରାଯାଇଥିଲା। ସକାଳ ଓ ସନ୍ଧ୍ୟାରେ ମା'ଙ୍କ ନିକଟରେ ଅନୁଷ୍ଠିତ ଆରତି ଉତ୍ସବରେ ଭକ୍ତଙ୍କ ବିଶେଷ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଅମୂଲ୍ୟ କୁମାର ନନ୍ଦୀ, ଭାଗବତ ଦତ୍ତ, କୃଷ୍ଣଚନ୍ଦ୍ର ଦତ୍ତ, ବଳରାମ ଦତ୍ତ, ସଞ୍ଜୟ ଦତ୍ତ, ଶତ୍ରୁଘ୍ନ ନନ୍ଦୀ, ମନୋରଞ୍ଜନ ରଥ, ମନମୋହନ ନନ୍ଦୀ, ଅମରେଶ ଦେ, ଭାଗୀରଥି ଦାସ, ସୁପ୍ରିରଞ୍ଜନ ରଥ, ପୀତାମ୍ବର ଦତ୍ତ ଓ କ୍ଷୀରୋଦ ନନ୍ଦୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଯଜ୍ଞ ପାଇଁ ପୁଷ୍କରିଣୀରୁ ଜଳ ସଂଗ୍ରହ କରାଯାଉଛି।

# ଜାଲ୍ ଦସ୍ତଖତରେ ଆଧାର ପଞ୍ଜୀକରଣ, ସଂଶୋଧନ

**ରସୁଲପୁର,୧୫।୫(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ଓକାକ୍ କମ୍ପ୍ୟୁଟର ଲ୍ୟାବ୍ ପକ୍ଷରୁ ୨ ସ୍ୱୀକୃତିପ୍ରାପ୍ତ ଆଧାରକେନ୍ଦ୍ର ଖୋଲାଯାଇଥିଲା। ତେବେ କେନ୍ଦ୍ର ପରିଚାଳକ ଆଧାର ପଞ୍ଜୀକରଣ ଓ ତ୍ରୁଟି ସଂଶୋଧନ ବେଳେ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଦର୍ଶାଇ କମ୍ପ୍ୟୁଟର ଲ୍ୟାବ୍ ପକ୍ଷରୁ ଉକ୍ତ ୨ କେନ୍ଦ୍ର କୋଡ୍‌କୁ ବନ୍ଦ କରିଦିଆଯାଇଛି। ଏଭଳି ଭାବେ ଅନ୍ୟୁନ୍ ୩ ମାସରୁ ଉର୍ଦ୍ଧ୍ୱ ହେବ କେନ୍ଦ୍ର ଦୁଇଟି ବନ୍ଦ ରହିଛି। ଫଳରେ ଏହି ସୁଯୋଗରେ ଘରୋଇ ଆଧାର ପଞ୍ଜୀକରଣ କେନ୍ଦ୍ରଗୁଡ଼ିକ ଲୋକଙ୍କୁ ଶୋଷଣ କରୁଛନ୍ତି। ଘରୋଇ କେନ୍ଦ୍ରରେ ଆଧାର ପଞ୍ଜୀକରଣ ନେଇ ନାନା ବେଆଇନ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଏପରି କି ଜାଲ ଦସ୍ତଖତ ଜରିଆରେ ଆଧାର ପଞ୍ଜୀକରଣ ଓ ତ୍ରୁଟି ସଂଶୋଧନ କରାଯାଉଥିବା ଘଟଣା ନଜରକୁ ଆସିଛି। ତେଣୁ ଏ ଦିଗରେ ତଦନ୍ତ କରାଯାଇ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଆଧାର କେନ୍ଦ୍ରଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ସମସ୍ତ ସରକାରୀ ଯୋଜନା, ବ୍ୟାଙ୍କ, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯେ କୌଣସି କାର୍ଯ୍ୟ ପାଇଁ ଆଧାରକାର୍ଡ ଖୋଜାପଡୁଛି। ତେଣୁ ଆଧାରକାର୍ଡ ନ ଥିଲେ ଅବା କାର୍ଡରେ ତ୍ରୁଟି ଥିଲେ ସେଥିରେ ସୁଧାର ଆଣିବା ପାଇଁ ଲୋକଙ୍କୁ ଆଧାରକେନ୍ଦ୍ରର ସହାୟତା ନେବାକୁ ପଡୁଛି। ଜନସାଧାରଣଙ୍କ ଏହି ସମସ୍ୟା ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକ, ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଭଳି ଅନେକ ସ୍ଥାନରେ ଆଧାର ପଞ୍ଜୀକରଣ କେନ୍ଦ୍ର ଖୋଲାଯିବାକୁ ନିୟମ କରାଯାଇଛି। କିନ୍ତୁ ଏଠାରେ ବ୍ଲକକୁ ଛାଡ଼ିଦେଲେ ଅନ୍ୟ କୌଣସି ସରକାରୀ କାର୍ଯ୍ୟାଳୟରେ ଆଧାର ପଞ୍ଜୀକରଣ କେନ୍ଦ୍ର ନାହିଁ। ତେବେ ବ୍ଲକ କେନ୍ଦ୍ର ବନ୍ଦ ପଛରେ ଷଡ଼ଯନ୍ତ୍ର ରହିଥିବା କୁହାଯାଉଛି। ଆଧାର ପଞ୍ଜୀକରଣ ପାଇଁ କୋଡ୍ ପ୍ରଦାନ କରୁଥିବା ସଂସ୍ଥା ମୋଟା ଅଙ୍କର ଉତ୍କୋଚ ନେଇ ଘରୋଇ ଆଧାରକେନ୍ଦ୍ର ଖୋଲିବାକୁ ଅନୁମତି ଦେଉଥିବା ଅଭିଯୋଗ ହେଉଛି। ସରକାରୀ ଭାବେ କେନ୍ଦ୍ରଗୁଡ଼ିକ ଯେଉଁ ସବୁ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ସେମାନେ ସେ ନିୟମ ନ ମାନି ମନଇଚ୍ଛା ପଞ୍ଜୀକରଣ କରୁଛନ୍ତି। ଏହାଦ୍ୱାରା ସରକାରୀ କେନ୍ଦ୍ର ପ୍ରଭାବିତ ହେଉଛି।

ଆଧାର ସଂଶୋଧନ ପାଇଁ ଆବଶ୍ୟକସ୍ଥଳେ ଲୋକଙ୍କୁ ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଜଣେ କ୍ଲାସ୍‌ୱାନ ଅଫିସର ଭଳି ଅଧିକାରୀଙ୍କଠାରୁ ପ୍ରମାଣପତ୍ର ଆବଶ୍ୟକ ହେଉଛି। ଏଭଳି କ୍ଷେତ୍ରରେ ଅଧିକାରୀମାନଙ୍କ ଡିଜିଟାଲ ଦସ୍ତଖତ ପଞ୍ଜୀକରଣ କେନ୍ଦ୍ରରେ ଉପଲବ୍ଧ ହେଉନାହିଁ, ଯାହାର ଫାଇଦା ଉଠାଉଛନ୍ତି ଉକ୍ତ କେନ୍ଦ୍ର ପରିଚାଳକମାନେ। ଆବଶ୍ୟକ ଅଧିକାରୀଙ୍କଠାରୁ ଦସ୍ତଖତ କରାଇ ଆଣିବା କହି ଏସବୁ ଅଧିକାରୀଙ୍କ ଜାଲ ସିଲ୍ ଓ ଦସ୍ତଖତକୁ କେନ୍ଦ୍ର ପରିଚାଳକମାନେ ବ୍ୟବହାର କରୁଛନ୍ତି। ସେ ବାବଦରେ ଲୋକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ତେଣୁ ଆଧାର କେନ୍ଦ୍ରଗୁଡ଼ିକରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତ ଉପଲବ୍ଧ କରାଇବାକୁ ଦାବି ହେଉଛି। ଏଥିସହିତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଧାର ପଞ୍ଜୀକରଣ ସୁବିଧା ପ୍ରଦାନ କରାଯାଇ ଚାଲିଥିବା ଆର୍ଥିକ ଶୋଷଣକୁ ବନ୍ଦ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଏ ନେଇ ଓକାକ୍ କମ୍ପ୍ୟୁଟର ଲ୍ୟାବର ଜିଲା ସଂଯୋଜକ ଅଭିମନ୍ୟୁ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକରେ ଥିବା ୨ଟି ଆଧାର କେନ୍ଦ୍ର ବନ୍ଦ ରହିଛି। ସେଗୁଡ଼ିକୁ ତୁରନ୍ତ ଖୋଲିବାକୁ ପ୍ରୟାସ କରାଯାଉଛି। ତେବେ ଘରୋଇ ଆଧାର କେନ୍ଦ୍ରଗୁଡ଼ିକର ବୈଧତାକୁ ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ଦାସ କହିଛନ୍ତି।

### ରସୁଲପୁରରେ ସରକାରୀ ଆଧାର କେନ୍ଦ୍ର ବନ୍ଦ

- ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଘରୋଇ କେନ୍ଦ୍ର
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ
- ସବୁ ସରକାରୀ ଅଫିସରେ କେନ୍ଦ୍ର ଖୋଲିବାକୁ ଦାବି

AADHAAR

## ସଂକ୍ଷେପରେ

### ଟାଟା ପାୱାର ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ

**ଆନ୍ଦୋଳନ କରିବ ଆଳି ନାଗରିକ ମଞ୍ଚ**



ଆଳି,୧୫।୫(ଡି.ଏନ୍.ଏ.): ରାଜ୍ୟବାସୀଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ ଟାଟା ପାୱାର ଦାୟିତ୍ୱ ନେଲା। କିନ୍ତୁ ଗ୍ରାହକମାନେ ଉତ୍ତମ ସେବା ପାଇବା ବଦଳରେ କମ୍ପାନୀ ଶୋଷଣ କରୁଥିବା ନେଇ ଅଭିଯୋଗ ଆସିବାରେ ଲାଗିଛି। କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଥିବା ମିଟରରେ ରିଡିଂ ଅଧିକ ଉଠୁଛି। ଅଘୋଷିତ ଭାବେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ଗ୍ରାହକମାନେ ହଇରାଣ ହେଉଛନ୍ତି। ଖରାଦିନେ ବିଦ୍ୟୁତ୍ କାଟ୍ ହେବନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲା ବେଳେ ଆଳି ଅଞ୍ଚଳରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଗ୍ରୀଷ୍ମପ୍ରବାହରେ ଲୋକେ ଆଉଟପାଉଟ ହେଉଛନ୍ତି। ବିଦ୍ୟୁତ୍ କାଟ ଯୋଗୁ ପିଲାମାନଙ୍କର ପାଠପଢାରେ ଅସୁବିଧା ହେଉଛି। ବିଦ୍ୟୁତ୍ କଟି ଯାଉଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏ ନେଇ ପ୍ରତିବାଦର ସ୍ୱର ଆଳି ନାଗରିକ ମଞ୍ଚ ପକ୍ଷରୁ ଉଠାଯାଇଛି। ମଞ୍ଚ ପକ୍ଷରୁ ଆଗାମୀ ଦିନରେ ଏକ ଆନ୍ଦୋଳନ ନିମନ୍ତେ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ରବିବାର ବସିଥିଲା। ଏଥିରେ ମଞ୍ଚର ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ଅକ୍ଷୟ କୁମାର ମଲିକ, ମହେଶ୍ୱର ନନ୍ଦ, ଦଶରଥ ମଲିକ, ସହଦେବ ସିଂହ, ଆଇନଜୀବୀ ବସନ୍ତ କୁମାର ନାୟକ, ବସନ୍ତ କୁମାର ଘଡ଼େଇ, ସୂର୍ଯ୍ୟମଣି ସାମଲ, ଆଳି ନାଗରିକ ମଞ୍ଚ ଉପଦେଷ୍ଟା ନରହରି ପାତ୍ର, ସଦସ୍ୟ ଲଳିତ ମୋହନ ମଲିକ, ସୁନାକର ମଲିକ, ଗୌତମ ସାମଲ, ରମେଶ ମଲିକ ଓ ଅନେକ ବ୍ୟକ୍ତିବିଶେଷ ସେମାନଙ୍କ ମତ ପ୍ରକାଶ କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ବିଷୟରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସେମାନେ ଦାୟୀ ରହିବେ ବୋଲି ସତର୍କ କରାଇ ଦିଆଯାଇଛି।

### ସ୍ମୃତିଚାରଣ ସଭା ସହ ସ୍ୱାସ୍ଥ୍ୟ ପରୀକ୍ଷା



ଆଳି,୧୫।୫(ଡି.ଏନ.ଏ.): ଆଳି ବ୍ଲକ ନିଆଳ ପଞ୍ଚାୟତ ବଳଭଦ୍ରପୁର ଶାସନ ଗ୍ରାମରେ ଶନିବାର ସ୍ୱର୍ଗତ ବଂଶୀଧର ନାୟକଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ ତାରିଖଠାରୁ ଭାଗବତ ପାରାୟଣ, ପ୍ରବଚନ ଆରମ୍ଭ ହୋଇଥିଲା। ଏକ ଦିବସୀୟ ଯୋଗ ଶିବିର, ଆକ୍ୟୁପ୍ରେସର ପ୍ରଶିକ୍ଷଣ, ରୋଗୀମାନଙ୍କ ରକ୍ତ ପରୀକ୍ଷା, ରକ୍ତଚାପ ଓ ରକ୍ତ ନମୁନା ପରୀକ୍ଷା ଭଳି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଟ୍ରଷ୍ଟର ସଭାପତି ବାବାଜୀ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିରଞ୍ଚି ମହାପାତ୍ର, ପ୍ରତାପ ବେହେରା, ଦୁର୍ଗା ପ୍ରସନ୍ନ ଜେନା, ଶିବରାମ ପାଣି, ଖଗେଶ୍ୱର ମାହୁନ୍ତ ପ୍ରମୁଖ ବଂଶୀଧରଙ୍କ ସ୍ମୃତିଚାରଣ କରିଥିଲେ। ଟ୍ରଷ୍ଟର ସମ୍ପାଦକ ହିମାଂଶୁ ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିବରାମ ପାଣିଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ।

# ମାର୍ଶାଘାଇ, ରାଜକନିକାରେ ଜେଏମ୍ଏଫ୍ସି କୋର୍ଟ ଦାବି

## ଜିଲାରେ ୫୫ ହଜାରରୁ ଅଧିକ ମାମଲା

- ୫ ବର୍ଷରୁ ଊର୍ଦ୍ଧ୍ୱ ମାମଲା ସଂଖ୍ୟା ୨୭,୫୧୪
- ବାଣିଜ୍ୟିକ କୋର୍ଟକୁ ସ୍ୱାଗତ

କେନ୍ଦ୍ରାପଡ଼ା ଅଫିସ, ୧୫।୫

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ଅନ୍ତର୍ଭୁକ୍ତ ୭୮୩ଟି ଦେୱାନୀ, ଫୌଜଦାରି, ପାରିବାରିକ ଓ ମୋଟରଯାନ ଦୁର୍ଘଟଣା ମଧ୍ୟରୁ ୧୭୨ଟିର ଫଏସଲା ହୋଇଥିଲା। ଏଥିସହ ୪୫୭୬ ବ୍ୟାଙ୍କରଣ ମାମଲା ମଧ୍ୟରୁ ୧୭୯ଟି ଫଏସଲା କରାଯାଇଥିଲା। କ୍ରମବର୍ଦ୍ଧିଷ୍ଣୁ ମାମଲାକୁ ଦେଖି ରାଜ୍ୟ ସରକାରଙ୍କ ଆଇନ ମନ୍ତ୍ରୀ ପ୍ରତାପ ଜେନା କେନ୍ଦ୍ରାପଡ଼ାରେ ବାଣିଜ୍ୟିକ କୋର୍ଟ ସ୍ଥାପନ ହେବ ବୋଲି ଗତ ୨ ତାରିଖରେ ଘୋଷଣା କରିଛନ୍ତି। ତେବେ ଜିଲାରେ ମାମଲା ସଂଖ୍ୟା ବଢୁଥିବା ବେଳେ ମାର୍ଶାଘାଇ ଓ ରାଜକନିକାରେ ଜେଏମ୍ଏଫ୍ସି କୋର୍ଟ ସ୍ଥାପନ ପାଇଁ ଦାବି ହୋଇଛି। ଗତ ଏପ୍ରିଲ ସୁଦ୍ଧା ଜିଲାର ମୋଟ ୫୫,୩୨୯ଟି ଦେୱାନୀ ଓ ଫୌଜଦାରି ମାମଲା ପଡ଼ିରହିଛି। ଏଥିମଧ୍ୟରୁ ୫ ବର୍ଷରୁ ଊର୍ଦ୍ଧ୍ୱହେବ ୨୭,୫୧୪ ମାମଲା ବିଚାରାଧୀନ ରହିଛି। ସେହିପରି ବାଳ ଅପରାଧ ସମ୍ପର୍କିତ ୧୭୩ ମାମଲା ମଧ୍ୟରୁ ୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ୩୫ଟି ମାମଲା ରହିଛି। ତ୍ୱରିତ ନ୍ୟାୟ ପାଇଁ ଭିତ୍ତିଭୂମି ଯୋଗାଇଦେବାକୁ ଜିଲାର ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କେନ୍ଦ୍ରାପଡ଼ା କୋର୍ଟର ୱେବ୍ ତଥ୍ୟ ଅନୁଯାୟୀ ଜିଲାଜଜ୍‌ଙ୍କ ନିକଟରେ ଗତ ଏପ୍ରିଲ ଶେଷ ସୁଦ୍ଧା ୩,୨୬୪ ମାମଲା ରହିଛି। ସେହିପରି ଆଡହକ ଏଡିଜେ କୋର୍ଟରେ ୨୩୧ଟି, ଏଡିଜେ କୋର୍ଟରେ ୧୨୫୯ଟି, ସିଜେଏମ୍ କୋର୍ଟରେ ୫୭୩ଟି, ରେଜିଷ୍ଟ୍ରାରଙ୍କ ନିକଟରେ ୨୦୬ଟି, ସିନିୟର ସିଭିଲ ଜଜ୍ କୋର୍ଟରେ ୩୭୧୪ଟି, ସିନିୟର ସିଭିଲ ଜଜ୍ (ଏଲ୍ଆର ଓ ଏଲ୍‌ଟିଭି) କୋର୍ଟରେ ୩୧୫ଟି, ଏଏସ୍‌ଜେ କୋର୍ଟରେ ୯୧୮ଟି, ସିଭିଲ ଜଜ୍ କୋର୍ଟରେ ୩୯୫୫, ଏସ୍‌ଡିଜେଏମ୍ କୋର୍ଟରେ ୨୦,୯୩୨ଟି, ପଟ୍ଟାମୁଣ୍ଡାଇସ୍ଥିତ ସିନିୟର ସିଭିଲ ଜଜ୍ କୋର୍ଟରେ ୩୭୩୬ଟି, ସିଭିଲ ଜଜ୍ ଓ ଜେଏମ୍ଏଫ୍ସି କୋର୍ଟରେ ୫୪୦୪ଟି, ଜେଏମ୍ଏଫ୍ସିରେ ୬୩୮, ଆଳିସ୍ଥିତ ଜେଏମ୍ଏଫ୍ସି ଓ ସିଭିଲ ଜଜ୍ କୋର୍ଟରେ ୬୯୪୧ଟି ଓ ରାଜନଗରସ୍ଥ ଏନ୍‌ଜିଏନ୍ ଓ ଜେଏମ୍ଏଫ୍ସି କୋର୍ଟରେ ୩୨୪୩ଟି ମାମଲା ରହିଛି।



କେନ୍ଦ୍ରାପଡ଼ା ଜିଲା ଓ ଦୌରା ଜଜ୍ କୋର୍ଟ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରମୋଦ କୁମାର ସ୍ୱାଇଁ, ପ୍ରତାପ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ କହିଛନ୍ତି, ଗଣତନ୍ତ୍ରର ସୁଦୃଢ଼ ସ୍ତମ୍ଭ ହେଉଛି ବିଚାର ବିଭାଗ। ଯେଉଁଠି ସମସ୍ତ ବ୍ୟବସ୍ଥା ଫେଲ୍ ମାରେ ସେଠାରେ ସାଧାରଣ ଲୋକ ବିଚାର ବିଭାଗର ଆଶ୍ରା ନେଇଥାନ୍ତି। ତେବେ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ହେଉଥିବା ବିଳମ୍ବ ସାମାଜିକ ଜୀବନକୁ ବ୍ୟତିବ୍ୟସ୍ତ କରାଉଛି। ଏସବୁ ମଧ୍ୟରେ ଜିଲାର ମାର୍ଶାଘାଇ ଅଞ୍ଚଳ ନ୍ୟାୟିକ ବ୍ୟବସ୍ଥା ଭିତ୍ତିଭୂମିରେ ପଛୁଆ ଅଛି। ପୂର୍ବରୁ ଏହି ଅଞ୍ଚଳରେ ଗ୍ରାମ୍ୟ ନ୍ୟାୟାଳୟ ବା ଜେଏମ୍ଏଫ୍ସି ହେବ ବୋଲି ସ୍ଥାନୀୟ ଲୋକେ ଆଶା ବାନ୍ଧିଥିଲେ। ରାଜନେତା ଏ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାର ସୁଫଳ ମିଳିନାହିଁ। ଏପରି କି ଏଠାରେ ଥିବା ପୋଲିସ ପ୍ରଶାସନର ସିଆଇ କାର୍ଯ୍ୟାଳୟକୁ ଉଠାଇ ଦିଆଯାଇଛି। ସେହିପରି ମାର୍ଶାଘାଇକୁ ଏକ ସବ୍‌ଡିଭିଜନ ପାଇଁ ବାରମ୍ବାର ହେଉଥିବା ଉଦ୍ୟମ ଫେଲ୍ ମାରିଛି। ରାଜକନିକାର ସଞ୍ଜୟ କୁମାର ବେହେରା, ସୌଜନ୍ୟ କୁମାର ଦାସ ପ୍ରମୁଖ କହିଛନ୍ତି, ଏହି ଅଞ୍ଚଳରେ ଏକ ଜେଏମ୍ଏଫ୍ସି କୋର୍ଟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ନୂତନ ବାଣିଜ୍ୟିକ କୋର୍ଟ ଜିଲା ପାଇଁ ବହୁ ଆବଶ୍ୟକ ଥିବା ବେଳେ ଏହା ଦ୍ୱାରା ମାମଲାଗୁଡ଼ିକ ତ୍ୱରିତ ସମାଧାନ ହୋଇପାରିବ। ଏହାକୁ ସ୍ୱାଗତ କରୁଛୁ ଓ ତୁରନ୍ତ ଭିତ୍ତିଭୂମି ପ୍ରତିଷ୍ଠା ହେଉ ବୋଲି ସେମାନେ କହିଛନ୍ତି।

### ୩୬ ଘଣ୍ଟା ବିତିଲା, ନିଖୋଜ ଛାତ୍ରଙ୍କ ପତ୍ତା ମିଳୁନି

ପାରାଦୀପ,୧୫।୫(ସ୍ୱ.ପ୍ର.)

ପାରାଦୀପ କଳିଙ୍ଗ ବାଲିଯାତ୍ରା ପଡ଼ିଆ ପାଖ ସମୁଦ୍ର କୂଳରୁ ଶନିବାର ପୂର୍ବାହ୍ନରୁ ନିଖୋଜ ଥିବା ଛାତ୍ର ପ୍ରୀତମ ଦାସଙ୍କର ରବିବାର ରାତି ସୁଦ୍ଧା କୌଣସି ସୂଚନା ମିଳିନାହିଁ। ଦିନତମାମ୍ ଜଟାଧାର ମୁହାଁଣ ସାମୁଦ୍ରିକ ଥାନା ପୋଲିସ, କୋଷ୍ଟଗାର୍ଡ, ଅଗ୍ନିଶମ ବିଭାଗ ଓ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇନାହାନ୍ତି। ଅପରପକ୍ଷେ ନିଖୋଜ ସମୟରେ ପ୍ରୀତମଙ୍କ ସହ ଥିବା ଅନ୍ୟ ୩ ଛାତ୍ର କୌଣସି ସୂଚନା ଠିକ୍ ଭାବେ ଦେଉନାହାନ୍ତି ବୋଲି ପୋଲିସ କହିଛି। ସେମାନେ ଭୟଭୀତ ଅଛନ୍ତି। କେବଳ ଜଣେ ଛାତ୍ର କହିଛନ୍ତି, ପ୍ରୀତମ ଫୁଟ୍‌ବଲ ଖେଳୁଥିଲା। ଫୁଟ୍‌ବଲ ପାଣିରେ ପଡ଼ିଯିବାରୁ ସେ ଆଣିବାକୁ ଯାଇଥିଲେ। ତା'ପରେ ସେ ନିଖୋଜ ହୋଇଗଲେ।




# ଡାକ୍ତରଖାନା ଉଭାନ, କର୍ମଚାରୀ ନେଉଛନ୍ତି ଦରମା

କେନ୍ଦ୍ରାପଡ଼ା ଅଫିସ, ୧୫।୫

ଚିକିତ୍ସା କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାଦ୍ୱାରା ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବା ସହ ରୋଗରୁ ମୁକ୍ତି ପାଇବେ। ହେଲେ କେନ୍ଦ୍ରାପଡ଼ା ଜିଲା ସହର ମଧ୍ୟସ୍ଥଳ ଫକୀରାବାଦ୍‌ରେ ଥିବା ଡାକ୍ତରଖାନା ୨୦ ବର୍ଷ ହେଲା ଉଭାନ ହୋଇଯାଇଛି। କିନ୍ତୁ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ମାସକୁ ମାସ ଦରମା ନେଉଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଥିବା ବେଳେ ଲୋକେ ଚିକିତ୍ସା ସେବା ପାଉନାହାନ୍ତି। ରୋଗୀ ଖୋଜିଲେ ମଧ୍ୟ ଡାକ୍ତରଖାନାର ପତ୍ତା ମିଳୁନାହିଁ। ଡାକ୍ତରଖାନା ଥିବା ସ୍ଥାନରେ ଏବେ ଦୋକାନ ବଜାର ଗଢ଼ିଉଠିଛି। ଯଦି ସହରାଞ୍ଚଳରେ ଏଭଳି ଘଟିପାରୁଛି, ତେବେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କିପରି ଚାଲିଥିବ ତାହା ଏଥିରୁ ଅନୁମେୟ।

ଅଞ୍ଚଳବାସୀଙ୍କ ସୂଚନା ଅନୁଯାୟୀ, ୯୦ ଦଶକରେ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ଫକୀରାବାଦ୍‌ରେ ସଂଖ୍ୟାଲଘୁ ସମ୍ପ୍ରଦାୟର ପାରମ୍ପରିକ ପାର୍ସି–ଆରବିକ୍ ୟୁନାନୀ ଚିକିତ୍ସା ପାଇଁ ଏକ ଡାକ୍ତରଖାନା ଖୋଲାଯାଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକ ଏହି ଚିକିତ୍ସାଳୟରେ ଚିକିତ୍ସିତ ହେବା ସହ ଆବଶ୍ୟକ ପଡ଼ିଲେ ଏଠାରେ ରହୁଥିଲେ। ପ୍ରାୟ ୮ ବର୍ଷ ଏହି ଡାକ୍ତରଖାନା ଚାଲିଥିଲା। ତେବେ ୟେଲୋପାଥି ଔଷଧର ବହୁଳ ବ୍ୟବହାର ପାଇଁ ୟୁନାନୀ ଚିକିତ୍ସା କେନ୍ଦ୍ର ପ୍ରାୟ ଅଚଳ ହୋଇପଡିଥିଲା। କିଛିଦିନ ପରେ ଡାକ୍ତରଖାନାଟି ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ତେବେ ଏହି ଚିକିତ୍ସା କେନ୍ଦ୍ରର ଜଣେ ଡାକ୍ତର ଓ ଜଣେ ସ୍ୱାସ୍ଥ୍ୟକର୍ମୀ ପ୍ରତି ମାସ ଦରମା ନେଉଥିବା ଆଲୋଚନା ହେଉଛି। ବିଜୁବାବୁଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ୟୁନାନୀ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଥିଲା। ରାଜ୍ୟ ସରକାର ଭଦ୍ରକ ଜିଲାରେ ଏହି ଚିକିତ୍ସାଳୟକୁ ବିକଶିତ କରିଛନ୍ତି। ତେବେ ବିଜୁବାବୁଙ୍କ କର୍ମସ୍ଥଳୀରୁ ଚିକିତ୍ସା କେନ୍ଦ୍ର ଉଭାନ ହେବାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ତାଙ୍କ ପୁଅ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ୟୁନାନୀ ଚିକିତ୍ସା ଆୟୁଷ ବିଭାଗ ଅଧୀନରେ ଅଛି। ଏହି ଚିକିତ୍ସା କେନ୍ଦ୍ର ଆମ ଅଧୀନରେ ନାହିଁ। ଡାକ୍ତରଖାନା ଉଭାନର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ରବୀନ୍ଦ୍ରଙ୍କ ବିଚାରଧାରା ସାମାଜିକ ପରିବର୍ତ୍ତନ ଆଣିବ



ତୁମେ ଚାଲିଗଲାପରେ ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

ପଟ୍ଟାମୁଣ୍ଡାଇ,୧୫।୫(ସ୍ୱ.ପ୍ର.)

ମାଟି ମା' ଓ ମେହନତି ମଣିଷ ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିବା ରବୀନ୍ଦ୍ର ବେହେରାଙ୍କ ବିଚାରଧାରା ଅଞ୍ଚଳର ବିକାଶ ସହ ସାମାଜିକ ପରିବର୍ତ୍ତନ ଆଣିପାରିବ ବୋଲି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ସୁଯୋଗ୍ୟ ସନ୍ତାନ ରବୀନ୍ଦ୍ରଙ୍କ ପ୍ରଥମ ଜୟନ୍ତୀ ଅବସରରେ ଏମ୍.ଏନ୍. ହାଇସ୍କୁଲଠାରେ ଆୟୋଜିତ ଉତ୍ସବରେ ପଟ୍ଟନାୟକ ଯୋଗଦେଇଥିଲେ। ସେ କହିଥିଲେ, ନିଜର ପ୍ରଭାବ, ପ୍ରତିଷ୍ଠା ଓ ରାଜନୈତିକ ସ୍ୱାର୍ଥ ପାଇଁ ରାଜନେତାମାନେ ଅଞ୍ଚଳ ବିକାଶର ସ୍ଲୋଗାନ ଦେଇ ପଦପଦବୀ ହାସଲ ଲାଗି ମାତିଥିବାବେଳେ ରବୀନ୍ଦ୍ର କିନ୍ତୁ ଭିନ୍ନ ଥିଲେ। ପଟ୍ଟାମୁଣ୍ଡାଇର ସ୍ୱାର୍ଥ, ସ୍ୱାଭିମାନ ଓ ସୁସ୍ଥ ସମାଜ ପାଇଁ ରବୀନ୍ଦ୍ର ନିଶା ନିବାରଣ ବିରୋଧରେ ବେସାଲିସ୍ ସଂଗ୍ରାମ କରିଥିଲେ। ଗାଳ୍ପିକ ତଥା ସ୍ତମ୍ଭକାର ଅମିୟ ପାଣ୍ଡବଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କବି ଡା. ଶୁଭ କୁମାର ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୈପ୍ଳବିକ କବିତା ମାଧ୍ୟମରେ ସାମ୍ପ୍ରତିକ ସମାଜର ଅବସ୍ଥା ଓ ରବୀନ୍ଦ୍ରଙ୍କ ଚିନ୍ତାଧାରା ଏବଂ ଆଦର୍ଶଗତ ଲଢ଼େଇ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ସେମାନେ ରବୀନ୍ଦ୍ରଙ୍କ ସାରସ୍ୱତ ସାଧନା ଓ ସମାଜ ସଂସ୍କାର ପଟ୍ଟାମୁଣ୍ଡାଇ ଚିତ୍ରପଟ୍ଟରେ ଚିରକାଳ ଅଲିଭା ସ୍ମୃତି ହୋଇ ରହିବ ବୋଲି କହିଥିଲେ। ରବୀନ୍ଦ୍ରଙ୍କ ସ୍ତ୍ରୀ ଶିକ୍ଷା ବିଭାଗର ପ୍ରାକ୍ତନ ଅଧିକାରୀ ତଥା ସାରସ୍ୱତ ସାଧିକା ସରସ୍ୱତୀ ବେହେରା ମଞ୍ଚାସୀନ ଅତିଥି ଭାବେ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଏଇ ଅବସରରେ ସାମାଜିକ କର୍ମୀ ଅର୍ଜୁନ ମହାକୁଳ ଓ ହେତୁବାଦୀ ଦେବେନ୍ଦ୍ର ସୂତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ଗାଳ୍ପିକା ସରସ୍ୱତୀ ବେହେରାଙ୍କ ୭ମ ଗଳ୍ପ ସଙ୍କଳନ 'ତମେ ଚାଲିଗଲା ପରେ' ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। କବୟିତ୍ରୀ ଚାରୁଲତା ଭୂୟାଁ ଅତିଥି ପରିଚୟ ଓ କବି ବ୍ରଜବନ୍ଧୁ ଦାଶ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହୁରା, ସାହିତ୍ୟିକ ଅତୁଲ ବଳ, ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ କବି ଡା. ମନୋରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ପ୍ରାଧ୍ୟାପକ ଡ. ନୀଳମଣି ଲେଙ୍କା ମୁଖ୍ୟ ଅତିଥି, କବି ଶୁଭ୍ରାଂଶୁ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ମନୋଜ ଶତପଥୀ, କବୟିତ୍ରୀ ଆରାଧନା ଦାଶ ଓ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ ୪୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

### ମଙ୍ଗୁଳିଠାରେ ଟ୍ରାନ୍ସଫର୍ମର ବସାଇବାରେ ଚଞ୍ଚକତା

**କାମର ମଞ୍ଜୁର କି ଏଷ୍ଟିମେଟ ନାହିଁ**

ବାଲିଆ, ୧୫।୫(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଟାଟା ପାୱାର ବିଦ୍ୟୁତ୍ ସେକ୍ସନ ଓ ୨୨ ମୌଜା ଚାଷୀଖଣ୍ଡ ଷ୍ଟ୍ରକ୍‌ଚର ଅଧୀନ ମଙ୍ଗୁଳି ବରୁଣେଇ ଠାକୁରାଣୀଙ୍କ ନିକଟରେ ଚଞ୍ଚକତା କରାଯାଇ ଏକ ଟ୍ରାନ୍ସଫର୍ମର ବସାଯାଉଥିବା ଅଭିଯୋଗ ହୋଇଛି। ବସୁଥିବା ଟ୍ରାନ୍ସଫର୍ମର ଲାଗି ଏ ପର୍ଯ୍ୟନ୍ତ ମଞ୍ଜୁର କି ଏଷ୍ଟିମେଟ ହୋଇନାହିଁ। ଏ ସମ୍ପର୍କରେ ବିରିଡି ଟାଟା ପାୱାର ମ୍ୟାନେଜର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ରଘୁନାଥପୁରର ବିଶ୍ୱରଞ୍ଜନ ଦେହୁରୀଙ୍କୁ ପଚାରିବାରୁ ସେ ପୁରୁଣା କାମ ରହିଯାଇଥିବା କହିବା ସହ ମଙ୍ଗୁଳି ପଞ୍ଚାୟତରେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ଲୋ ଭୋଲଟେଜ୍ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ସେଠାରେ ଟ୍ରାନ୍ସଫର୍ମର ବସାଯିବା ପାଇଁ ମଞ୍ଜୁର ହେବ। ମାତ୍ର ବର୍ତ୍ତମାନ ସେଠାରେ କିଏ କାମ କରୁଛି ସେ ସମ୍ପର୍କରେ ଅବଗତ ନାହିଁ। ତେଣୁ ଯଦି ବେଆଇନ ଭାବେ କୌଣସି କାମ କରାଯାଉଥିବ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉଭୟ ଅଧିକାରୀଙ୍କ କଥାରୁ ଯାହା ଜଣାପଡୁଛି ମଙ୍ଗୁଳିଠାରେ ଟ୍ରାନ୍ସଫର୍ମର ବସାଇବାରେ କିଛି ଭିତିରି ରହସ୍ୟ ରହିଛି, ଯାହାକି ତଦନ୍ତ ସାପେକ୍ଷ୍ୟ। ଅନ୍ୟପକ୍ଷେ ବିନା ଟେଣ୍ଡର, ମଞ୍ଜୁର, ଏଷ୍ଟିମେଟ୍‌ରେ ଓ ଉଚ୍ଚ ଅଧିକାରୀଙ୍କ ଅଗୋଚରରେ ସେଠାରେ କାମ କରାଯାଉଛି। ସେଥିରେ ବ୍ୟବହୃତ ଖୁଣ୍ଟି, ତାର ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ପୁରୁଣା ଲଗାଯାଇଛି। କାରଣ ଜନସାଧାରଣଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ଏବଂ ପ୍ରାକୃତିକ ବିପର୍ଯ୍ୟକୁ ଦୃଷ୍ଟିରେ ରଖି ଟାଟା ପାୱାର ବର୍ତ୍ତମାନ ସବୁ ସ୍ଥାନରେ ନିଜସ୍ୱ ଶକ୍ତ ଲୁହାଖୁଣ୍ଟ ପକାଉଛି। ଏଠାରେ କାହା ସ୍ୱାର୍ଥରେ ଓ କାହିଁକି ଦୁର୍ବଳ ସିମେଣ୍ଟ ଖୁଣ୍ଟ ପୁଣି ବିନା ଢଳେଇରେ ପକାଯାଉଛି ତାହା ଜଣାପଡୁନାହିଁ। ୨୨ ମୌଜା ଏକ ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳ ହୋଇଥିବାରୁ ଏହି କାମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ସୌମ୍ୟରଞ୍ଜନ

**ପାଟିରେ ଭାରତ ମାନଚିତ୍ର ଆଙ୍କିଥିଲେ**

ରାଜନଗର,୧୫।୫(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ବଳ ପାଟିରେ କଲମ ମାଧ୍ୟମରେ ଭାରତ ମାନଚିତ୍ର ଆଙ୍କି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ମାତ୍ର ୧ ମିନିଟ୍ ୩୩ ସେକେଣ୍ଡ ମଧ୍ୟରେ ଭାରତ ମାନଚିତ୍ର ଆଙ୍କି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସେ ସ୍ଥାନ ପାଇଛନ୍ତି।

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଜଗନ୍ନାଥପୁର ଗାଁର ଭୀମସେନଙ୍କ ପୁଅ ହେଉଛନ୍ତି ସୌମ୍ୟରଞ୍ଜନ। ସେ ରାଜନଗରସ୍ଥିତ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟର ଶେଷ ବର୍ଷର ଛାତ୍ର। ସେ ପାଟିରେ କଲମ ସାହାଯ୍ୟରେ ଭାରତ ମାନଚିତ୍ର ଆଙ୍କିବା ପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଏହାକୁ ସ୍ଥାନ ଦେବାକୁ ଏପ୍ରିଲ ୨ରେ ଅନ୍‌ଲାଇନରେ ଆବେଦନ କରିଥିଲେ। ଅନ୍‌ଲାଇନ ଆବେଦନ ପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ସୌମ୍ୟରଞ୍ଜନଙ୍କ ପାଖକୁ ଲିଙ୍କ୍ ଆସିଥିଲା। ସୌମ୍ୟରଞ୍ଜନ ମୋବାଇଲରେ ଟାଇମର ଅନ୍ କରିବା ସହ ପାଟିରେ କଲମ ଯୋଗେ ଭାରତ ମାନଚିତ୍ରକୁ ଅବିକଳ ଆଙ୍କିଥିଲେ। ସେ ଏହାର ଭିଡିଓ ସହ ସମସ୍ତ ପ୍ରମାଣପତ୍ର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସକୁ ପଠାଇ ଥିଲେ। ଶନିବାର ମାନପତ୍ର, ମେଡାଲ ଡାକ ଯୋଗେ ଆସି ସୌମ୍ୟରଞ୍ଜନଙ୍କ ଘରେ ପହଞ୍ଚିଛି।



ସୌମ୍ୟରଞ୍ଜନ ପାଇଥିବା ମେଡାଲ ଓ ମାନପତ୍ର ଦେଖାଉଛନ୍ତି।

## ଓଡ଼ିଶା ସାହିତ୍ୟ ଏକାଡେମୀର ଗଳ୍ପ କର୍ମଶାଳା

ପାରାଦୀପ,୧୫।୫(ସ୍ୱ.ପ୍ର.)

ପାରାଦୀପ ମଧୁବନସ୍ଥ ଅଫିସର୍ସ କ୍ଲବ ପରିସରରେ ରବିବାର ଓଡ଼ିଶା ସାହିତ୍ୟ ଏକାଡେମୀର ଦିନିକିଆ ଗଳ୍ପ କର୍ମଶାଳା ଅନୁଷ୍ଠିତ ହୋଇଛି। ଏକାଡେମୀର ଉପସଭାପତି ସଂଗ୍ରାମ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ରାଜ୍ୟର ବହୁ ସ୍ୱନାମଧନ୍ୟ ପ୍ରାବନ୍ଧିକ, ଗାଳ୍ପିକ, କବି ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନରେ ଆଲୋଚନାର ବିଷୟବସ୍ତୁ ଥିଲା 'ମୁଁ କାହିଁକି ଗଳ୍ପ ଲେଖେ'। ଏଥିରେ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ, ସନ୍ତୋଷ ସାମଲ, ଅଜୟ ବାରିକ ପ୍ରମୁଖ ଆଲୋଚକ ଥିଲେ। ଅପରାହ୍ନରେ ବିଷୟ ଥିଲା 'ମୋ ଦୃଷ୍ଟିରେ ଶ୍ରେଷ୍ଠ ଗଳ୍ପ' ଏ ସମ୍ପର୍କରେ ଅଜୟ ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, କବିତା ବାରିକ, ରବି ସ୍ୱାଇଁ ପ୍ରମୁଖ ଆଲୋଚନା କରିଥିଲେ। ଏହାକୁ ଶ୍ରୀମାନ ମିଶ୍ର ସଂଯୋଜନା କରିଥିବା ବେଳେ ନଗେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ ପାରାଦୀପ ମୈନାକ୍ୟ ସାହିତ୍ୟ ସଂସଦ ସହଯୋଗୀ ଥିଲା।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

# କୂଳ ଲଂଘୁଛି ମହାନଦୀ: ଚଉମୁହାଣ ପ୍ରତି ବିପଦ

**ପଥର ପ୍ୟାକିଂ ଦାବି**

ମହାକାଳପଡ଼ା, ୧୫।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନଦୀନାଳ ଘେରା ଉପକୂଳବର୍ତ୍ତୀ ବରକନ୍ଧା ପଞ୍ଚାୟତ ଦଶରାଜପୁର ଗାଁ ସଂଲଗ୍ନ ଚଉମୁହାଣ ଦେଇ ମହାନଦୀ ପ୍ରବାହିତ ହେଉଛି। ମହାନଦୀ କୂଳ ଲଂଘିବା ଫଳରେ ଅତଡା ଖାଉଥିବାରୁ ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଚାଷୀଙ୍କର ଏକର ଏକର ଚାଷ ଜମି ନଦୀ ଗର୍ଭକୁ ଚାଲିଗଲାଣି। ଫଳରେ ଚଉମୁହାଣ ପ୍ରତି ବିପଦ ଦେଖାଦେଇଛି। ତେଣୁ ବନ୍ଧରେ ପଥର ପ୍ୟାକିଂ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ମହାକାଳପଡ଼ାଠାରେ ସଡ଼କ ପଥ ସୁବିଧା ନ ଥିବାରୁ ଏହି ଚଉମୁହାଣ ଜଳପଥ ଦେଇ କଟକ, କୁଜଙ୍ଗ ଆଦି ଅଞ୍ଚଳରୁ ମାଲ ପରିବହନ ମୁଖ୍ୟ ପଥ ଥିଲା। ଚିକିତ୍ସା କ୍ଷେତ୍ରରେ ମହାକାଳପଡ଼ା ବ୍ଲକର ଏକ ଚତୁର୍ଥାଂଶ ଲୋକ କୁଜଙ୍ଗ (ଅନନ୍ତପୁର) ଉପରେ ନିର୍ଭର କରି ଏହି ଚଉମୁହାଣ ନଦୀ ପଥ ଦେଇ ଯାତାୟାତ କରୁଥିଲେ। ସମୟ ଥିଲା ନଅଙ୍କ ଦୁର୍ଭିକ୍ଷ (୧୮୬୬) ପରେ ଚାଷୀମାନେ ମହଣ ମହଣ ଲୁଣ ଭାର କାନ୍ଧେଇ ଏହି ନଦୀ ଘାଟରେ ଦୈନନ୍ଦିନ ମହାକାଳପଡ଼ାର ଲୁଣ ନେଇ ବେପାର ବଣିଜ ପାଇଁ କୁଜଙ୍ଗ ଯାଉଥିଲେ। ହେଲେ ଏବେ ମହାନଦୀ ଗତିପଥ ଦିଗ ବଦଳାଇବା ଦ୍ୱାରା ଦଶରାଜପୁର ଗାଁର ଅନେକ ଚାଷୀଙ୍କର ଏକର ଏକର ଚାଷ ଜମି ଏବେ କରାଳ ଗର୍ଭରେ ଲୀନ ହୋଇ ଗଲାଣି। ମହାନଦୀର ସ୍ରୋତ ପ୍ରଖର ଥିବାରୁ ଅତଡ଼ା ପରେ ଅତଡ଼ା ଖସି ଚାଲିଛି। କିଛିବର୍ଷ ପରେ ଆଖଡ଼ାସାହି–ଦଶରାଜପୁର ମୁଖ୍ୟ ରାସ୍ତା ଖାଇ ନଦୀ ଗର୍ଭକୁ ଚାଲିଯିବାକୁ ଏଡ଼ାଇ ଦିଆ ଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମହଲ ଚିନ୍ତା ପ୍ରକଟ କଲେଣି। ମହାନଦୀର ୮୦ ଭାଗ ଜଳପଥ ମହାକାଳପଡ଼ା ରାଜସ୍ୱ ତହସିଲ ଅଧୀନରେ ରହିଥିବାରୁ ଉକ୍ତ ଫେରି ଘାଟକୁ ନେଇ ଏବେ ବିବାଦର ବାଟ ଫିଟୁନି। ଅପରପକ୍ଷେ ମହାନଦୀର ଚଉମୁହାଣ ଫେରି ଘାଟକୁ ନେଇ ଜଗତ୍‌ସିଂହପୁର ଜିଲା ସହ ବିବାଦ ସମସ୍ୟାର ସମାଧାନ ହୋଇପାରୁନାହିଁ। ଫଳରେ ପାରାଦୀପ ଶିଳ୍ପାଞ୍ଚଳ ଉପରେ ନିର୍ଭର କରୁଥିବା କେନ୍ଦ୍ରାପଡ଼ା ଜିଲାର ରାଜନଗର, ମହାକାଳପଡ଼ା ବ୍ଲକର ବହୁ କୁଶଳୀ, ଅଣକୁଶଳୀ ଓ ଶ୍ରମିକମାନେ ନାନାଦି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ମହାନଦୀ କୂଳ ଲଂଘିବା ଯୋଗୁ ଚାଷୀମାନଙ୍କ ଚାଷବାସ ପ୍ରଭାବିତ ହେଉଛି। ନଦୀ ତଟବନ୍ଧ ବିଭାଗ ପକ୍ଷରୁ ମହାନଦୀ ପ୍ରବାହିତ କୂଳ ଖାଉଥିବା ସ୍ଥାନରେ ପଥର ପ୍ୟାକିଂ ପାଇଁ ବରକନ୍ଧା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ନାଥ କୁମାର ଭୋଳ ଦାବି କରିଛନ୍ତି।


ମହାକାଳପଡା ବ୍ଲକ ମହାନଦୀର ଚଉମୁହାଣଠାରେ ଅତଡ଼ା ଖାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ମେ, ୨୦୨୨



## ସଂକ୍ଷେପରେ

### ୨ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ, ୨ ଗିରଫ

**ଖଣ୍ଡପଡ଼ା,୧୫।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ଖଲିସାହି ଗ୍ରାମର ୨ ପଡୋଶୀଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ଏବେ ଥାନାରେ ପହଞ୍ଚିଛି। ଶନିବାର ସକାଳେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏହାକୁ ନେଇ ବବିନା ପୃଷ୍ଟିଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ପଡୋଶୀ ବିରଞ୍ଚି ନାରାୟଣ ବେହେରା, ପୁଅ ବିଶ୍ୱଜିତ ବେହେରା ଓ ଝିଅ ଶୁରଶ୍ରୀ ବେହେରାଙ୍କ ନାମରେ ଏକ ମାମଲା(ନଂ.୧୧୧/୨୨) ରୁଜୁ କରିଥିଲା। ପୋଲିସ ବିରଞ୍ଚିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷେ ବିରଞ୍ଚିଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଇନ୍ଦ୍ରମଣି ପୃଷ୍ଟି, ସ୍ତ୍ରୀ ବବିନା ପୃଷ୍ଟି ଓ ପୁଅ ଶୁଭରଞ୍ଜନ ପୃଷ୍ଟି ନାମରେ ଏକ ମାମଲା(ନଂ.୧୧୨/୨୨) ରୁଜୁ କରିଛି। ଏହି ମାମଲାରେ ପୋଲିସ ଶୁଭରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବର୍ଷା ପୂର୍ବରୁ କାମ ତ୍ୱରାନ୍ୱିତ ହେବ

**ନୟାଗଡ଼ ଅଫିସ,୧୫।୫:** ନୟାଗଡ଼ ବ୍ଲକ ସୁନାଲଟିଠାରେ ନିର୍ମାଣ ହେଉଥିବା କୁସୁମୀ ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ସମୀକ୍ଷା କରିଛନ୍ତି। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ବର୍ଷାଋତୁ ପୂର୍ବରୁ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ନୟାଗଡ, ଖଣ୍ଡପଡା ଓ ଭାପୁର ଅଞ୍ଚଳର ଚାଷ ଜମି ଜଳସେଚିତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି।

### ଦୋକାନ କବାଟ ଭାଙ୍ଗି ଚୋରି ଉଦ୍ୟମ, ଜଣେ ଗିରଫ

**ସହଯୋଗୀ ଫେରାର**



ଗିରଫ ପିଣ୍ଟୁ ସ୍ୱାଇଁ।

**ଭାପୁର,୧୫।୫(ଡି.ଏନ.ଏ.):** ଭାପୁର ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ଚୋରି ଡକାୟତି ବଢ଼ିଛି। ଭାପୁର ବ୍ଲକର ବିଜିପୁର, ପଦ୍ମାବତୀ, ବାଘୁଆପଲ୍ଲୀ ଆଦି ପଞ୍ଚାୟତରେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଘରେ ପଶି ମାରଣାସ୍ତ୍ର ଦେଖାଇ କଳାକନା ବୁଲାଉଛନ୍ତି। ସୂଚନା ଅନୁଯାୟୀ, କଳାପଥର ମୁଖ୍ୟ ବଜାରର ଏକ ଗ୍ରୋସରୀ ଦୋକାନର କବାଟ ଭାଙ୍ଗି ଚୋରୀ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଫତେଗଡ ଥାନା ଫତେଗଡ ପଞ୍ଚାୟତ ଅଧୀନ ଫତେଗଡ ଗ୍ରାମର ଗୋପୀନାଥ ସାହିର ପିଣ୍ଟୁ ସ୍ୱାଇଁ (୨୫)ଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି। ପିଣ୍ଟୁ ନିଜ ସହଯୋଗୀଙ୍କ ସହିତ ମିଶି କଳାପଥର ହରିରାମ ଛକରେ ଥିବା ସତ୍ୟବାଦୀ ସାହୁଙ୍କ ଗ୍ରୋସରୀ ଦୋକାନକୁ ଟାର୍ଗେଟ କରିଥିଲେ। ସେମାନେ ଏକ ଶାବଳରେ ଦୋକାନର କବାଟ ଭାଙ୍ଗି ଭିତରେ ପଶିଥିଲେ। ସିସିଟିଭି ଫୁଟେଜ ନଷ୍ଟ କରିବା ପାଇଁ ସାଙ୍ଗରେ କିଛି ହାଣ୍ଡିପ୍ଲାଷ୍ଟର ଓ ବ୍ଲେଡ ଆଣିଥିଲେ। ସେଦିନ ରାତିରେ କଳାପଥର ଗ୍ରାମରେ ରାମଲୀଳା ଚାଲିଥିଲା। ଦୋକାନ ମାଲିକଙ୍କ ପୁଅ ଲୋକନାଥ ସାହୁଙ୍କ ସନ୍ଦେହ ହେବାରୁ ସେ ନିଜ ଦୋକାନ ପାଖକୁ ଯାଇ ପିଣ୍ଟୁଙ୍କୁ କାବୁ କରିଥିଲେ। ହେଲେ ତାଙ୍କ ସହଯୋଗୀ ଫେରାର ହୋଇଯାଇଥିଲେ।

# ନୟାଗଡ଼-ପୁରୀ ରେଳ ଚଳାଚଳ ଦାବି ତେଜିଲା

- ୭ଦିନ କଣ୍ଟ ଦେଲା ନାଗରିକ ମଞ୍ଚ
- ରେଳରୋକୋ ପାଇଁ ଚେତାବନୀ

**ନୟାଗଡ଼ ଅଫିସ,୧୫।୫**

ନୟାଗଡ଼ରୁ ପୁରୀକୁ ଟ୍ରେନ ଚଳାଚଳ ଆରମ୍ଭ ନ କଲେ ଆନ୍ଦୋଳନ ସହିତ ରେଳରୋକୋ କରାଯିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ ବିଭାଗକୁ ସ୍ମାରକପତ୍ର ମାଧ୍ୟମରେ ଚେତାବନୀ ଦିଆଯାଇଛି। ଏଥିପାଇଁ ନୟାଗଡ଼ ନାଗରିକ ମଞ୍ଚ ମାତ୍ର ୭ଦିନ ସମୟ ଦେଇଛି। ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୂର୍ବତଟ ରେଳ ବିଭାଗର ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନୟାଗଡ଼ ଷ୍ଟେଶନ ପରିଚାଳକ ସଞ୍ଜୟ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, କୋଭିଡ୍ କଟକଣା ଯୋଗୁ ନୟାଗଡ଼ରୁ ନିୟମିତ ପୁରୀ ଯାଉଥିବା ଦୁଇ ଯୋଡ଼ା ପାସେଞ୍ଜର ଟ୍ରେନ ଗତ ଦୁଇବର୍ଷ ଧରି ବନ୍ଦ ରହିଛି। ଇତିମଧ୍ୟରେ କୋଭିଡ୍ କଟକଣା ହଟି ଥିଲେ ମଧ୍ୟ ବିଭାଗ ପକ୍ଷରୁ ଶ୍ରୀକ୍ଷେତ୍ରକୁ ରେଳ ସେବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏ ନେଇ ବିଭିନ୍ନ ସଙ୍ଗଠନ ଓ ନୟାଗଡ଼ ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ରେଳ ବିଭାଗକୁ ଚିଠି ଲେଖିଥିଲେ। ହେଲେ ରେଳ ବିଭାଗ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଅନ୍ୟପକ୍ଷେ ପୁରୀ ସହିତ ନୟାଗଡ଼ବାସୀଙ୍କ ଧାର୍ମିକ, ସାଂସ୍କୃତିକ ତଥା ଭାବଗତ ସମ୍ପର୍କ ରହିଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ନୟାଗଡ଼ ଜିଲାବାସୀ ଉତ୍ସୁକତାର ସହିତ ଚାହିଁ ବସିଛନ୍ତି। ଜିଲାବାସୀଙ୍କ ଉଦ୍‌ବେଗକୁ ଲକ୍ଷ୍ୟ କରି ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ ଏବଂ ରେଳରୋକୋ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ପାଇଁ ଆସିଥିବା ପ୍ରତିନିଧି ମଣ୍ଡଳୀରେ କମ୍ରେଡ ବିଶ୍ୱନାଥ ମହାପାତ୍ର, ସାମାଜିକକର୍ମୀ ଦାମୋଦର ସାହୁ, ସୁରେନ୍ଦ୍ର ମହାପାତ୍ର, ନିରଞ୍ଜନ ମିଶ୍ର, ଲକ୍ଷ୍ମୀଧର ସାହୁ, ଶେଖ ଅବଦୁଲ ଖାଲିକ, ପ୍ରଦୀପ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ଗୋକୁଳ ଷଡ଼ଙ୍ଗୀ, ଅଶୋକ ମଲ୍ଲ, ସରୋଜ ସାହୁ, ପ୍ରଫୁଲ୍ଲ ନାୟକ, ରାଜକିଶୋର ସାହୁ ପ୍ରମୁଖ ସାମିଲ ଥିଲେ।




ନାଗରିକ ମଞ୍ଚର କର୍ମକର୍ତ୍ତା ଷ୍ଟେଶନ ପରିଚାଳକଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଗୁହାଳରେ ନିଆଁ ଲାଗି ୩ ଗୋରୁ ଅର୍ଦ୍ଧଦଗ୍ଧ



ଅର୍ଦ୍ଧଦଗ୍ଧ ହୋଇଥିବା ବଳଦ।

**ନୂଆଗାଁ,୧୫।୫ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡ଼ିପି ପଞ୍ଚାୟତ ଅଭୟପୁର ଗ୍ରାମରେ ରବିବାର ଗୁହାଳରେ ନିଆଁ ଲାଗି ୩ ଗାଈ ଗୋରୁ ଆହତ ହୋଇଛନ୍ତି। ଅଭୟପୁର ଗ୍ରାମର ଦୟାନିଧି ଜାନି ଓ ସୁଶାନ୍ତ ବେହେରାଙ୍କ ଗୁହାଳରେ ନିଆଁ ଲାଗି ଯିବା ଫଳରେ ବହୁ କ୍ଷୟକ୍ଷତି ଘଟିଛି। ଗୁହାଳରେ ବନ୍ଧା ହୋଇଥିବା ଦୟାନିଧି ଜାନିଙ୍କ ଗୋଟିଏ ଗାଈ ଓ ସୁଶାନ୍ତଙ୍କ୨ ବଳଦ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ନିଆଁର ମାତ୍ରା ଏତେ ଅଧିକ ଥିଲା ଯେ ଗୁହାଳକୁ ଯାଇ ଗୋରୁମାନଙ୍କୁ ଉଦ୍ଧାର କରିବା ସମ୍ଭବ ନ ଥିଲା। ହେଲେ ଗୋରୁମାନଙ୍କ ପଘା ପୋଡ଼ିଯିବାରୁ ସେମାନେ ଜୀବନ ବିକଳରେ ବାହାରକୁ ଚାଲି ଆସିଥିଲେ। ନିଆଁ ଲାଗିବାର କାରଣ ଜଣାପଡି ନାହିଁ। ଖବର ପାଇ ନୂଆଗାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପ୍ରାଣୀ ଚିକିତ୍ସକ ଟିମ୍ ଗାଈ ଓ ବଳଦଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ମହିପୁର ଆରଆଇ କ୍ଷୟକ୍ଷତିର ଆକଳନ କରିବା ସହ ତୁରନ୍ତ ପଲିଥିନ୍ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଓ ପାରାଡ଼ିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ ଉପସ୍ଥିତ ଥିଲେ।

## ନୂଆଗାଁ ଷ୍ଟେଶନକୁ ରେଳ ଚଳାଚଳରେ ବିଳମ୍ବ

**ନୟାଗଡ଼ ଅଫିସ,୧୫।୫**

ଖୋର୍ଦ୍ଧା ରୋଡ (ଜଟଣୀ)-ବଲାଙ୍ଗୀର ରେଳପଥର ମହିପୁରଠାରୁ ନୂଆଗାଁ ଯାଏ ୧୩.୫୦ କି.ମି.ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଛି। ଷ୍ଟେଶନରେ କର୍ମଚାରୀମାନେ କାମରେ ଯୋଗ ଦେଇ ସାରିଲେଣି। ତଥାପି ନୂଆଗାଁକୁ ରେଳ ଚଳାଚଳ କରିବା ପାଇଁ ବ୍ୟବସ୍ଥା କରାଯାଉ ନାହିଁ। ଗତ ମାର୍ଚ୍ଚ ୨୩ରେ କୋଲକତାସ୍ଥିତ ଦକ୍ଷିଣ ପୂର୍ବ ସର୍କଲ ରେଳ ସୁରକ୍ଷା ଆୟୁକ୍ତ (ସିଆରଏସ୍) ଶୁଭୋମୟ ମିତ୍ରଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉକ୍ତ ରେଳପଥକୁ ନୀରିକ୍ଷଣ କରିଥିଲେ। ଉଭୟ ଷ୍ଟେଶନ ମଧ୍ୟରେ ଥିବା ସମସ୍ତ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହିପୁର ଓ ନୂଆଗାଁ ରେଳ ଷ୍ଟେଶନ ମଧ୍ୟରେ ଥିବା ରେଳପଥରେ ଏକ ଲାଇଟ୍ ଟ୍ରେନ ଇଞ୍ଜିନ ଚଳାଚଳ କରିଥିଲା। ରେଳ ସୁରକ୍ଷା ଆୟୁକ୍ତଙ୍କ ଯାଞ୍ଚ ପରେ ଏହି ରେଳପଥରେ ରେଳ ଚଳାଚଳ କରିବାର ଆଶା ସଞ୍ଚାର ହୋଇଥିଲା। ନୂଆଗାଁବାସୀଙ୍କ ବହୁ ପ୍ରତୀକ୍ଷିତ ରେଳ ଚଳାଚଳ ଆଶାର ଅନ୍ତ ଘଟିବାକୁ ଯାଉଛି ବୋଲି କୁହାଯାଇଥିଲା। ହେଲେ ରେଳ ସୁରକ୍ଷା ଆୟୁକ୍ତଙ୍କ ଯାଞ୍ଚର ଦେଢ଼ ମାସ ପରେ ବି ଟ୍ରେନ ନ ଚାଲିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ମହିପୁର ପର୍ଯ୍ୟନ୍ତ ରେଳ ଚଳାଚଳ କରୁଥିବା ବେଳେ କେବେ ନୂଆଗାଁ ରେଳ ଚଳାଚଳ କରିବ ସେ ନେଇ ନୂଆଗାଁବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୂଆଗାଁକୁ ରେଳ ଚଳାଚଳ ବ୍ୟବସ୍ଥାର ଉଦ୍‌ଘାଟନ ପାଇଁ ରେଳମନ୍ତ୍ରୀ ସମୟ ଦେଇ ପାରୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ନୂଆଗାଁ ରେଳଷ୍ଟେଶନରୁ ରେଳ ଚଳାଚଳ କଲେ ନୂଆଗାଁରୁ ପୁରୀକୁ ଟ୍ରେନ୍ ଚଳାଚଳ କରିବାକୁ ଦାବି ହୋଇଛି। ଏନେଇ ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ନୂଆଗାଁ ରେଳଷ୍ଟେଶନକୁ ଖୁବ୍‌ଶୀଘ୍ର ରେଳମନ୍ତ୍ରୀ ଉଦ୍‌ଘାଟନ କରନ୍ତୁ। ନୂଆଗାଁରୁ ପୁରୀକୁ ରେଳ ଚଳାଚଳ ବ୍ୟବସ୍ଥା କରିବାକୁ ରେଳମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। ସେହିପରି ନୟାଗଡ଼-ଖଡଗପୁରକୁ ଟ୍ରେନ ଚଳାଚଳ କରୁଥିଲା। ଏହା ବନ୍ଦ ରହିଛି। ସେହି ଟ୍ରେନକୁ ନୂଆଗାଁରୁ ଖଡ଼ଗପୁରକୁ ଚଳାଚଳ ବ୍ୟବସ୍ଥା କରିବାକୁ ଅନୁରୂପ ଭାବେ ଦାବି କରାଯାଇଛି।

## ୧୪ ଗ୍ରାମ୍ ବ୍ରାଉନ ସୁଗାର ଜବତ

**ଜେଲ ଗଲେ ବ୍ୟବସାୟୀ**



ଗିରଫ ପ୍ରଭାତ କୁମାର ସ୍ୱାଇଁ।

**ନୟାଗଡ଼ ଅଫିସ,୧୫।୫**

ଶନିବାର ସନ୍ଧ୍ୟାରେ ଶରଣକୁଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ହରିହରପୁର ଗାଁର ପ୍ରଭାତ କୁମାର ସ୍ୱାଇଁ(୪୭)। ତାଙ୍କ ପାଖରୁ ୧୪.୨୦୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ପ୍ରଭାତଙ୍କ ବାଇକ୍ ଓ ମୋବାଇଲ ବି ପୋଲିସ ଜବତ କରି ତଦନ୍ତ ଜାରି ରଖିଛି। ପ୍ରଭାତଙ୍କୁ ପୋଲିସ ନୂଆ ଜଗନ୍ନାଥ ସଡ଼କର ଡିମିସର ପୋଲ ନିକଟରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଧରିବା ସହିତ ବ୍ରାଉନସୁଗାର ଜବତ କରିଥିଲା। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୬୦/୨୨) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ରବିବାର ପ୍ରଭାତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି। ଗତ କିଛିଦିନ ହେବ ନୟାଗଡ଼ ଓ ତା'ର ଆଖପାଖ ଅଞ୍ଚଳରେ ବ୍ରାଉନ ସୁଗାର କାରବାର ବଢ଼ି ଚାଲିଥିବା ପୋଲିସ ପାଖରେ ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପୋଲିସ ବ୍ରାଉନ ସୁଗାର ବିକ୍ରି କରୁଥିବା ବ୍ୟକ୍ତିମାନଙ୍କ ଉପରେ କଡ଼ା ନଜର ରଖିଛି।

## ମହିଳାଙ୍କ ସୁନା ଚେନ୍ ଲୁଟ୍

**ନୟାଗଡ଼ ଅଫିସ,୧୫।୫:** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସର ବ୍ରିଜ ନିକଟରେ ଏକ ଲୁଟ୍ ଘଟଣା ଘଟିଛି। ଦଶପଲ୍ଲାର ସୁଧାଂଶୁ ଶେଖର ଦେଓ ଓ ସ୍ତ୍ରୀ ଶୁଭସ୍ମିତା ଖୋର୍ଦ୍ଧାରୁ ଦଶପଲ୍ଲାକୁ ଫେରୁଥିଲେ। ଫେରିବା ବାଟରେ ପଣ୍ଡୁସର ବ୍ରିଜ ନିକଟରେ ଦୁଇ ଯୁବକ କଳା ବାଇକ୍‌ରେ ଆସି ଶୁଭସ୍ମିତାଙ୍କ ବେକରୁ ଚେନ୍ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ କରାଯିବା ପରେ ଇଟାମାଟି ଥାନା ପୋଲିସ ଏକ ମାମଲା(ନଂ.୧୦୨/୨୨) ରୁଜୁ କରି ତଦନ୍ତ କରୁଛି।




## ମାମଲା ରୁଜୁ କରି ବସିଛି ପୋଲିସ

**ଜଳ ଅମଳ ପ୍ରକଳ୍ପ ଭଙ୍ଗାଯିବା ଘଟଣା**

**ଖଣ୍ଡପଡ଼ା,୧୫।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀଠାରେ ୨.୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୪ଟି ବର୍ଷାଜଳ ଅମଳ ପ୍ରକଳ୍ପକୁ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିବା ସହ ସେଠାରୁ ଇଟା, ଗୋଡ଼ି, ମେଣ୍ଟାଲ ଆଦି ନିର୍ମାଣ ସାମଗ୍ରୀ ନେଇ ଯାଇଥିଲେ। ଏନଏସି କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହି ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିଲେ ହେଁ ପୋଲିସ ତଦନ୍ତ ବାଟବଣା ହୋଇଛି। ଅଦ୍ୟାବଧି ତଦନ୍ତ ଆଗେଇ ନ ଥିବା ଅଭିଯୋଗ ହୋଇଛି। ଜଳ ଅମଳ ପ୍ରକଳ୍ପକୁ ଭଙ୍ଗା ଯାଇଥିବା ଜଣାପଡିବା ପରେ ଏନଏସି କର୍ତ୍ତୃପକ୍ଷ ପୋଲିସକୁ ସମସ୍ତ ସୂଚନା ଦେଇଥିଲେ। ଘଟଣାର ଖୋଳତାଡ କରିବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ, ମୁଖ୍ୟମନ୍ତ୍ରୀଙ୍କ କର୍ମ ତତ୍ପର ଯୋଜନାରେ ଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରିଥିବ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## କାଳିଦାସ ସାହିତ୍ୟରେ ସମାଜ ଚେତନା ଶୀର୍ଷକ ଆଲୋଚନାଚକ୍ର

**ନୂଆଗାଁ,୧୫।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗଡିଶ୍ୱର ସ୍ନାତକ ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ରବିବାର ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। 'କାଳିଦାସ ସାହିତ୍ୟରେ ସମାଜ ଚେତନା' ଶୀର୍ଷକ ଏହି ଆଲୋଚନାଚକ୍ରରେ ଜାତୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ସାହିତ୍ୟ ବିଭାଗର ପ୍ରଫେସର ଭାରତ ଭୂଷଣ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାଳିଦାସଙ୍କ ସାହିତ୍ୟକୁ ବିଜ୍ଞାନ ସହିତ ତୁଳନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଧାନୀ ବୃନ୍ଦାବନ ମହାପାତ୍ର ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର କର ସଭା ପରିଚାଳନା କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ମାଝି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ନୟାଗଡ଼ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଉପସ୍ଥିତ ଥିବା ଅଧ୍ୟାପିକା ଅଧ୍ୟାପକମାନେ ପ୍ରବନ୍ଧ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ମୁଖ୍ୟ ଅରୁଣିମା ମିଶ୍ର ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ଶତାଧିକ ନଳକୂପ ଅଚଳ

- ପାଣି ପାଇଁ ଚିନ୍ତାରେ ପଞ୍ଚାୟତବାସୀ
- ଧିମେଇ ଚାଲିଛି ନଳକୂପ ମରାମତି

**ଭାପୁର,୧୫।୫ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକର ୨୦ ପଞ୍ଚାୟତରେ ପାନୀୟ ଜଳର ସଙ୍କଟ ଦେଖାଦେଇଛି। କେଉଁଠି ପାଇପ ପାଣି ଆସୁନି ତ, ଆଉ କେଉଁଠି ନଳକୂପରୁ ପାଣି ବାହାରୁ ନାହିଁ। ଲୋକମାନେ ଲୌହଅଂଶ ଥିବା ଜଳ ସେବନ କରିବାକୁ ବାଧ୍ୟ ହେଉଛନ୍ତି। ଏପାଇଁ ସ୍ଥାନୀୟ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି।

ଭାପୁର ବ୍ଲକ ଅଞ୍ଚଳରେ ୧୨୭୦ ନଳକୂପ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେଥିରୁ ୧୦୦ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ଅବସ୍ଥାରେ ରହିଛି। ସେହି ନଳକୂପଗୁଡିକୁ ତୁରନ୍ତ ମରାମତି କରାଯାଉନାହିଁ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଏପରି ଖାମଖିଆଲ ମନୋଭାବ ଯୋଗୁ ଗ୍ରାମବାସୀ ପାଣି ବାଲ୍‌ଟିଏ ପାଇଁ ନାନା ହଇରାଣ ହେଉଛନ୍ତି। ଭାପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଳ୍ପ ସଂଖ୍ୟକ କର୍ମଚାରୀ ଯୋଗୁ ନଳକୂପ ମରାମତି ବାଧାପ୍ରାପ୍ତ ହେଉଛି। ଏବେ ଭୂତଳ ଜଳସ୍ତର କମିବାରେ ଲାଗିଥିବାରୁ ଆହୁରି ଅଧିକ ନଳକୂପ ଅଚଳ ହେବାର ସମ୍ଭାବନା ରହିଛି। ବିଭାଗ ପକ୍ଷରୁ କୁହାଯାଇଛି, ଭାପୁର ବ୍ଲକର ଅଧିକାଂଶ ପଞ୍ଚାୟତରୁ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଅଭିଯୋଗ ଆସୁଛି। ଗ୍ରାମ୍ୟ ଜଳଯୋଗାଣ ତରଫରୁ ୭ ଜଣ କର୍ମଚାରୀଙ୍କୁ ନେଇ ଏକ ମୋବାଇଲ ଟିମ୍ ମରାମତି କାର୍ଯ୍ୟ କରୁଛନ୍ତି। ଗୋଟିଏ ଦିନରେ ୩ରୁ ୪ଟି ନଳକୂପ ମରାମତି କରାଯାଉଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ସ୍ୱାଧୀନ କୁମାର ପାଣିଗ୍ରାହୀ କୁହନ୍ତି, ୭ ଜଣ କର୍ମଚାରୀ ମରାମତି କାମରେ ଲାଗିଛନ୍ତି। ଆଉ ଗୋଟିଏ ମୋବାଇଲ ଟିମ ଗଠନ କରିବା ପାଇଁ ଆମ ପାଖରେ କର୍ମଚାରୀ ନାହାନ୍ତି।





ଅଚଳ ଅବସ୍ଥାରେ ଥିବା ୩ ନଳକୂପ ପଥର ଓ ମାଟିରେ ପୋତି ହୋଇ ରହିଛି।



## ସଂକ୍ଷେପରେ

### ୩୭୫ ଅର୍ଥ ଅସୁଲି ମାମଲାର ସମାଧାନ ଲୋକ ଅଦାଲତ

**ଫୁଲବାଣୀ ଅଫିସ, ୧୫।୫:** କନ୍ଧମାଳ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୌଜଦାରୀ ଓ ଦେୱାନୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ ଓ ବୈବାହିକ ବିବାଦ ସମ୍ବନ୍ଧୀୟ ଆଦି ମାମଲା ଆଗତ କରାଯାଇଥିଲା। ଜିଲାଜଜ୍ ଶୀତିକଣ୍ଠ ସାମଲଙ୍କ ଠାରୁ ପ୍ରାପ୍ତ ତଥ୍ୟ ଅନୁସାରେ ୩୭୫ଟି ଅର୍ଥ ଅସୁଲି ମାମଲାରେ ୫୯ ଲକ୍ଷ ୧୯ହଜାର ୮୦୦ ଟଙ୍କା ଆଦାୟ କରାଯାଇଥିବା ବେଳେ ୩ ଟି ବିଦ୍ୟୁତ, ପାଣି ଓ ଅନ୍ୟାନ୍ୟ ମାମଲାରେ ୩ ହଜାର ୩୭୫ ଟଙ୍କା ଆଦାୟ କରାଯାଇଥିଲା। ୨୪ଟି ଫୌଜଦାରୀ ଓ ଦେୱାନୀ ମାମଲା ଫଇସଲା କରା ଯାଇଥିଲା। ସେହିପରି ୧୧ଟି ଫୌଜଦାରୀ ଓ ୪ଟି ନିଶାଦ୍ରବ୍ୟ ଚାଲାଣ ମାମଲା, ୫ଟି ଅର୍ଥ ଅସୁଲି ମାମଲା ବିଚାର କରାଯାଇ ୪୧ଲକ୍ଷ ୯୦ ହଜାର ୨୩୮ଟଙ୍କା ଆଦାୟ କରାଯାଇଛି। ୪ଟି ମୋଟର ଯାନ ଦୁର୍ଘଟଣାଜନିତ କ୍ଷତି ପୂରଣ ମାମଲାରେ ୮ଲକ୍ଷ ୫୦ ହଜାର ଟଙ୍କା ଓ ୧୨ ଟି ବୈବାହିକ ବିବାଦ ମାମଲାରେ ୮୭ହଜାର ୨ଶହ ଟଙ୍କା ଆଦାୟ କରାଯାଇଥିଲା। ଏହାବ୍ୟତୀତ ୫୩ଟି ଫୌଜାଦାରୀ, ମୋଟରଯାନ ଓ ଅନ୍ୟାନ୍ୟ ମାମଲା ଫଇସଲା ହୋଇଥିଲା। ଜିଲା ଜଜ୍ ସାମଲ, ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସନ୍ତୋଷ କୁମାର ଜେନା, ପାରିବାରିକ ଅଦାଲତ ବିଚାରପତି ସ୍ମୃତିଲେଖା ବାରିକ୍, ଅତିରିକ୍ତ ଜିଲା ଦୌରାଜଜ୍ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ଫୁଲବାଣୀ ଭାସ୍କର ଚନ୍ଦ୍ର ସାହୁ, ସ୍ଥାୟୀ ଲୋକ ଅଦାଲତ ଫୁଲବାଣୀର ଜଜ୍ ସନ୍ତୋଷ କୁମାର ନାୟକ, ଦେୱାନୀ ଅଦାଲତର ରେଜିଷ୍ଟ୍ରାର ସି.ଏ.ଦେଶପ୍ରିୟ ନାୟକ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରମାଦେବୀ ସୋରେନ୍ ପ୍ରମୁଖ ଉପସ୍ଥିତ ରହି ମାମଲାର ବିଚାର କରିଥିଲେ।

### ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ

**ଆସିକା, ୧୫।୫(ଡି.ଏନ.ଏ):** ଆସିକା ଏନଏସି ସୁନାମ୍ଭ ରଥଦାଣ୍ଡ ସାହିରେ ବିଜେ ନୃସିଂହ ମନ୍ଦିରଠାରେ ରବିବାର ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଦିନତମାମ ପୂଜା, ହୋମ ଆଦି ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ବିଜେ ପ୍ରତିମାକୁ ବାଦ୍ୟବାଜଣା ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ସୋମବାର ମନ୍ଦିର ସମ୍ମୁଖରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କ ବିଜେ ପ୍ରତିମାକୁ ସ୍ଥାପନ କରାଯାଇ ଦିନ ତମାମ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଯାତ୍ରା କମିଟି ପକ୍ଷରୁ ପୌରାଣିକ ନାଟକ ମଞ୍ଚସ୍ଥ କରାଯିବ ବୋଲି ଜଣାଯାଇଛି। ସେହିପରି ଆସିକା ବ୍ଲକର କାଳକ୍ଷଣ୍ଡପୁର, ନଳବଣ୍ଟା ଆଦି ଗ୍ରାମ ନୃସିଂହ ମନ୍ଦିରରେ ଏହି ଉତ୍ସବ ପାଳିତ ହୋଇଛି।

### ବୁଗୁଡାରେ ଲୋକ ଅଦାଲତ

**ବୁଗୁଡା, ୧୫।୫(ଡି.ଏନ.ଏ.):** ବୁଗୁଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଅରୁଲିପି ପରିଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ମାମଲାର ଶୁଣାଣି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଭକ୍ତ ଚରଣ ଦାଶ, ବିଭୁଦତ୍ତ ନାୟକ, ସାଇ ସନ୍ତୋଷୀନୀ ପ୍ରଧାନ, ପ୍ରଭାତ କୁମାର ଜେନା ଓ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଓକିଲଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଅସ୍ଥାୟୀ ଗୃହକୁ ବିଗ୍ରହ ସ୍ଥାନାନ୍ତର



**ରମ୍ଭା, ୧୫।୫:** କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ରମ୍ଭାରେ ସ୍ଥାପିତ କନ୍ୟାକା ପରମେଶ୍ୱରୀଙ୍କ ବିଗ୍ରହ ସ୍ଥାନାନ୍ତର ଓ ମନ୍ଦିର ନବୀକରଣ ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଘର ୬ କର୍ମକର୍ତ୍ତାଙ୍କୁ ନେଇ କଙ୍କଣ ପରିଧାନ ସହ କର୍ତ୍ତାରୂପେ ସଭାପତି ଟି. କେଦାର ନାଥ ସୁବୁଦ୍ଧି, ସମ୍ପାଦକ ଟି.ନଗେନ କୁମାର ସେନାପତି, ପି. ରାଜେନ୍ଦ୍ର ପୃଷ୍ଟି, ଟି. ଗୋପାଳ କୃଷ୍ଣ ସେନାପତି, କେ. ମହେନ୍ଦ୍ର ସେନାପତି ଓ କେ.ରାମୁ ରାଓଙ୍କ ସହ ୬ ଜଣ ଦମ୍ପତି ଚାରି ଜଣ ମନ୍ଦିର କମିଟି ସଭ୍ୟ ରହିଛନ୍ତି। ଏତଦ୍ ବ୍ୟତୀତ ଖଲ୍ଲିକୋଟ ଅଞ୍ଚଳ ବାର ଗୋଟି ସଂଘ କର୍ମକର୍ତ୍ତା, ଅଞ୍ଚଳ ଯୁବକ ସେବା ସଂଘ, ମହିଳା ସଂଘ ଓ ରମ୍ଭା ସାବୁଲିଆ ମହିଳା/ଯୁବକ ସଂଘ ତଥା ରମ୍ଭା ପେଣ୍ଠର ସମସ୍ତ ସଦସ୍ୟା ସଦସ୍ୟଙ୍କ ଉପସ୍ଥିତିରେ ଏହା କରାଯାଇଥିଲା।

# କାମରେ ଲାଗୁନି ଆବର୍ଜନା ସଂଗ୍ରହ ଭାକ୍ୟୁମ ମେଶିନ

ବ୍ରହ୍ମପୁର ଅଫିସ୍, ୧୫।୫



ବିଏମସି କାର୍ଯ୍ୟାଳୟ ପରିସରରେ ରହିଥିବା ଭାକ୍ୟୁମ ମେଶିନ।

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରକୁ ସ୍ୱଚ୍ଛ ରଖିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୨ ସ୍ୱଚ୍ଛ ସର୍ବେକ୍ଷେଣ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବା ପାଇଁ ସହରବାସୀଙ୍କ ପକ୍ଷରୁ ଭୋଟିଂ ସରିଛି। ତେବେ ବିଏମ୍‌ସି ପକ୍ଷରୁ ସଫେଇଠାରୁ ଆରମ୍ଭ କରି କର୍ମଚାରୀଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ପୋଷାକ, ଡ୍ରେନେଜ ସଫେଇ ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପଟେ ସହରର ବ୍ୟବସାୟ ପ୍ରତିଷ୍ଠାନ ଓ ରାସ୍ତା ଘାଟରେ ପଡି ରହିଥିବା ଶୁଖିଲା ଆବର୍ଜନା ସଂଗ୍ରହ ପାଇଁ ବିଏମ୍‌ସି ସାନିଟେଶନ ବିଭାଗ ପକ୍ଷରୁ ୩ଟି ଆଣ୍ଟି ଲିଟେରିଂ ଭାକ୍ୟୁମ କ୍ଲିନର ମେଶିନ ରଖାଯାଇଛି। ଏହା ଦ୍ୱାରା ରାସ୍ତାରେ ପଡିଥିବା ପଲିଥିନ, ଗୁଟଖା ଜରି, ଶୁଖିଲା ପତ୍ର ଓ ଅନ୍ୟାନ୍ୟ ଶୁଖିଲା ଆବର୍ଜନାକୁ ସହଜରେ ସଂଗ୍ରହ କରାଯାଇପାରିବ। ଏହି ମେଶିନ ସାହାଯ୍ୟରେ ସହରର ଅଳ୍ପ କେତେକ ସ୍ଥାନରେ ବ୍ୟବହାର କରାଯାଇ ଆବର୍ଜନା ସଂଗ୍ରହ କରାଯାଇଥିଲା। ସୂଚନାଥାଉକି, ମେଶିନ ପାଇଁ ସାଧାରଣତଃ ୨ ଜଣ କର୍ମଚାରୀ ଆବଶ୍ୟକ ହୋଇଥାଏ। କିନ୍ତୁ ବର୍ତ୍ତମାନ ଏହି ମେଶିନ ବ୍ୟବହୃତ ହେଉ ନ ଥିବା ଦେଖିବାକୁ ମିଳିଛି। ମେଶିନ ଚଳାଇବା ପାଇଁ ତାଲିମପ୍ରାପ୍ତ କର୍ମଚାରୀ ଆବଶ୍ୟକ ଥିବା ବେଳେ ସଫେଇ କର୍ମଚାରୀଙ୍କ ଦ୍ୱାରା ଏହାକୁ ଚଳାଇବା ସମ୍ଭବ ହୋଇପାରୁ ନାହିଁ। ଫଳରେ ଲକ୍ଷାଧିକ ଟଙ୍କାର ଏହି ଭାକ୍ୟୁମ କ୍ଲିନର ମେଶିନ କାର୍ଯ୍ୟରେ ଲାଗୁ ନାହିଁ। ଫଳରେ ଆବର୍ଜନା ସଫେଇ କ୍ଷେତ୍ରରେ ଲକ୍ଷ୍ୟ ସାଧନ ହୋଇପାରି ନାହିଁ। ଫଳରେ ସହର ବିଭିନ୍ନ ଉଠା ଦୋକାନୀ ଓ ମୁଖ୍ୟ ରାସ୍ତା ଗୁଡିକରେ ଶୁଖିଲା ଆବର୍ଜନା ଏଣେତେଣେ ପଡି ସହରର ସ୍ୱଚ୍ଛ ବାତାବରଣକୁ ପ୍ରଦୂଷିତ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏପରିକି ବିଏମସି କାର୍ଯ୍ୟାଳୟ ପରିସରରେ ଅବ୍ୟବହୃତ ଭାବେ ଗୋଟିଏ ମେସିନ ପଡି ରହିଥିବା ଦେଖିବାକୁ ମିଳିଛି। ଏ ନେଇ ବିଏମସି ସାନିଟେସନ ବିଭାଗର ସାଗରିକା ଖଣ୍ଡୁଆଳଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ତ୍ତମାନ ଏହି ମେଶିନ ୨ ଜଣ କର୍ମଚାରୀଙ୍କ ଦ୍ୱାରା ବ୍ୟବହୃତ ହେଉଛି। ଆଗାମୀ ଦିନରେ ସଫେଇ କର୍ମଚାରୀଙ୍କୁ ମେଶିନ ସମ୍ପର୍କରେ ଠିକ ତାଲିମ ଦିଆଯିବା ପରେ ସହରର ବିଭିନ୍ନ ସ୍ଥାନରେ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି।

# ଭୋଜି ଖାଇ ୧୬ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ୭ ଗୁରୁତର


ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି।

ତୁମୁଡିବନ୍ଧ, ୧୫।୫(ଡି.ଏନ.ଏ.)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ଅନ୍ତର୍ଗତ ବୁଢ଼ା କୁଣ୍ଡଳୀ ଗ୍ରାମରେ ବାହାଘର ଭୋଜି ଖାଇ ୧୫ଜଣ ମହିଳା, ପୁରୁଷ ଓ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଅଛନ୍ତି। ସମସ୍ତଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଉଛି। ପ୍ରକାଶ ଯେ, ବୁଢ଼ାକୁଣ୍ଡଳୀ ଗ୍ରାମର ବିଭୂତି ପନ୍ଦରଙ୍କ ଝିଅର ବାହାଘର ଗତ ଶୁକ୍ରବାର ହୋଇଥିଲା। ଶନିବାର ବରପକ୍ଷ ଭୋଜି ଖାଇବା ପାଇଁ କଳାହାଣ୍ଡି ଜିଲା ଏମ୍.ରାମପୁର ବ୍ଲକ ବଞ୍ଜୁମୁଣ୍ଡା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରି ରାତ୍ରିରେ ନିଜ ଗ୍ରାମରେ ଛେଳି ମାରି ଭୋଜି କରିଥିଲେ। ସଖାଳୁ ସମସ୍ତଙ୍କୁ ବାରମ୍ବାର ଝାଡ଼ା ହେବାରୁ ତୁମୁଡିବନ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୂର୍ବତନ ବିଧାୟକ ରାଜିବ ପାତ୍ର, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର ଓ ବିଜେଡିର କର୍ମୀମାନେ ପହଞ୍ଚି ପୀଡ଼ିତଙ୍କୁ ଭେଟିଥିଲେ। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅଭିଷେକ ନାୟକ ପୀଡ଼ିତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ସୂଚନା ଦେଇଛନ୍ତି।

# ଗୋପାଳପୁର ପୋର୍ଟକୁ ଆର୍‌ଟିଓଙ୍କ ନୋଟିସ

ଛତ୍ରପୁର, ୧୫।୫(ଡି.ଏନ.ଏ.)

ମୋଟର ଯାନ ଆଇନ ଉଲ୍ଲଂଘନ ନେଇ ଗୋପାଳପୁର ପୋର୍ଟ ଲିମିଟେଡ୍‌କୁ ନୋଟିସ ଜାରି ହୋଇଛି। ଗଞ୍ଜାମ ଆର୍‌ଟିଓ ମାନସ ରଞ୍ଜନ ସାହୁ ମୋଟର ଯାନ ଆକ୍ଟ -୧୯୮୮ର ସେକ୍ସନ ୨୧୩(୫) ଆଧାରରେ ଏହି ନୋଟିସ ଜାରି କରିଛନ୍ତି। ନୋଟିସ ବଳରେ ଆରଟିଓଙ୍କ ପକ୍ଷରୁ ପୋର୍ଟକୁ କେତେକ ତଥ୍ୟ ମଗାଯାଇଛି। ତଥ୍ୟ ଦେବାରେ ବିଳମ୍ବ କଲେ ଆଇପିସିର ସେକ୍ସନ ୧୮୮ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆର୍‌ଟିଓ ଉକ୍ତ ନୋଟିସରେ ସତର୍କ କରାଇ ଦେଇଛନ୍ତି। ଚଳିତବର୍ଷ ଜାନୁୟାରୀ ପହିଲାରୁ ଏପ୍ରିଲ ୩୦ତାରିଖ ପର୍ଯ୍ୟନ୍ତ ପୋର୍ଟକୁ କେତେ ଟ୍ରକ ଆସିଥିଲା, ସେଗୁଡିକର ପଞ୍ଜୀକୃତ ନମ୍ବର, ଟ୍ରକ୍‌ରେ କେଉଁ ପ୍ରକାର ଓ କେତେ ମେଟ୍ରକ୍ ଟନ୍ ମାଲ ଆସିଥିଲା, ପରିବହନକାରୀ ସଂସ୍ଥାର ନାମ ଏବଂ ତାରିଖ ସହ ଇନଭଏସ ଓ ଚାଲାଣ ନମ୍ବର ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ଆର୍‌ଟିଓଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି।

### ମୋଟର ଯାନ ଆଇନ ଉଲ୍ଲଂଘନ

ସୂଚନାଯୋଗ୍ୟ, ମୋଟର ଯାନ ଆଇନ ଉଲ୍ଲଂଘନ ସହ ଓଭରଲୋଡିଂ ମାଲ ପରିବହନ କରି ଗୋପାଳପୁର ପୋର୍ଟରୁ ଆସୁଥିବା କେତୋଟି ଗାଡିର ଚାଲାନ କଟାଯାଇଥିବାରୁ ଆରଟିଓଙ୍କ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଓଭରଲୋଡିଂ ମାଲ ପରିବହନ କରୁଥିବା ଟ୍ରକ ଯୋଗୁ ରାସ୍ତା ଖରାପ ହେଉଥିବା ବେଳେ ଦୁର୍ଘଟଣା ମଧ୍ୟ ଘଟୁଛି। ଏଥିଯୋଗୁ ଟ୍ରକ ଚାଳକ ଓ ଜନସାଧାରଣଙ୍କ ପ୍ରତି ବିପଦ ରହୁଛି ବୋଲ ପୂର୍ବରୁ ଆରଟିଓଙ୍କ ପକ୍ଷରୁ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଏକ ଚିଠି ଲେଖାଯାଇଥିଲା। ପୋର୍ଟ କର୍ତ୍ତୃପକ୍ଷ ଓଭରଲୋଡିଂ ମାଲ ବୋଝେଇ ଗାଡିକୁ ଗେଟପାସ୍ ଓ ରାସ୍ତାରେ ଯିବାକୁ ଅନୁମତି ଦେଇଥିଲେ ବୋଲି ଆର୍‌ଟିଓ ଉକ୍ତ ଚିଠିରେ ଦର୍ଶାଇଥିଲେ। ଆଗକୁ ଓଭରଲୋଡ଼ିଂ ଗାଡିକୁ ଆଉ ପୋର୍ଟ ପରିସରରୁ ବାହାରକୁ ନ ଛାଡିବାକୁ କୁହାଯାଇଥିଲା। ଏଥିରେ ଖିଲାପ କଲେ ମୋଟର ଯାନ ଆକ୍ଟ ଅନୁସାରେ ମାମଲା ଦାଏର କରାଯିବ ବୋଲି ସତର୍କ କରାଯାଇଥିଲା।

# ଚିଟ୍‌ଫଣ୍ଡ ଠକେଇ ମାମଲା, ଅଭିଯୁକ୍ତଙ୍କୁ ଉଠାଇଲା ପୋଲିସ

ଆସିକା, ୧୫।୫(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ କାଳିଆଗୁଡ଼ା ଗ୍ରାମରୁ ରବିବାର ଗୁଜରାଟ ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ଜଣଙ୍କୁ ଉଠାଇ ନେଇଛି। ଅଭିଯୁକ୍ତ ଜଣକ ଏକ ଅର୍ଥ ଲଗାଣକାରୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବୋଲି ଜଣାପଡ଼ିଛି। ଗତ ୫ରୁ ୭ ବର୍ଷ ପୂର୍ବେ ସୁରଟରେ ସେ ଏକ ଅର୍ଥ ଲଗାଣକାରୀ ସଂସ୍ଥା ଖୋଲି ତାହା ମାଧ୍ୟମରେ ସୁରଟ ଓ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଜମା ଟଙ୍କା ସଂଗ୍ରହ କରିଥିଲେ। ସଂସ୍ଥା ବନ୍ଦ ହୋଇଯିବା ପରେ ଜମା ଟଙ୍କା ଫେରସ୍ତ ନ ପାଇ ଜମାକାରୀ ଗୁଜରାଟ ପୋଲିସରେ ଅଭିଯୋଗ କରିଥିଲେ। ଗୁଜରାଟ ପୋଲିସ ମଧ୍ୟ ପୂର୍ବରୁ ବହୁବାର ଏଠାକୁ ଆସି ଅଭିଯୁକ୍ତଙ୍କ ଟେର ପାଇପାରୁ ନ ଥିଲା। ସେ ଜଣେ ସମ୍ପର୍କୀୟଙ୍କ ଘରେ ଥିବା ସୂଚନା ପାଇ ପୋଲିସ ଉଠେଇ ନେଇଥିଲା। ଘଟଣା ସମ୍ପର୍କରେ ଗାଙ୍ଗପୁର ପୋଲିସକୁ ପଚାରିବାରେ ସେଭଳି କିଛି ହୋଇ ନ ଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

# କାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରା


କାଟୁ ରାଜବାଟୀ ନୃସିଂହ ବିଗ୍ରହଙ୍କୁ ସହର ପରିକ୍ରମା କରାଯାଉଛି।

ହିଞ୍ଜିଳିକାଟୁ, ୧୫।୫(ଡି.ଏନ୍.ଏ.)

କାଟୁ ରାଜବାଟୀସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିର ବିଗ୍ରହ ଓ ଜଗବନ୍ଧୁ ପାଟଣା ସାହି ନୃସିଂହ ମନ୍ଦିରରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ଶନିବାରଠାରୁ ୩ ଦିନ ପାଇଁ ଯାତ୍ରା ଆରମ୍ଭ ହୋଇଛି। ଗତ ୨ ବର୍ଷ ହେଲା କୋଭିଡ୍ କଟକଣା ହେତୁ ଠାକୁରଙ୍କ ଯାତ୍ରା କେବଳ ନୀତିକାନ୍ତିରେ ମନ୍ଦିର ବେଢ଼ାରେ ହୋଇଥିଲା। ଚଳିତ ବର୍ଷ କଟକଣା ହଟିବା ପରେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଯାତ୍ରାକୁ ନେଇ ଉତ୍ସାହ ସୃଷ୍ଟି ହୋଇଛି। କାଟୁ ରାଜବାଟୀ ନୃସିଂହ ମନ୍ଦିର ବିଗ୍ରହଙ୍କୁ ସ୍ୱତନ୍ତ୍ର ବିମାନରେ ଶନିବାର ରାତିରେ ରଙ୍ଗଣି ବାଡ଼ ପକ୍ଷରୁ ସହର ପରିକ୍ରମା କରାଯାଇଥିଲା। ଅନୁରୂପ ଭାବେ ଶ୍ରଦ୍ଧାଳୁଙ୍କ ଗହଳରେ ପାଟଣାସାହି ମନ୍ଦିର ବିଗ୍ରହଙ୍କୁ ସହର ପରିକ୍ରମା କରାଯାଇଥିଲା। ପୂର୍ବାହ୍ନରେ ଠାକୁରଙ୍କ ଯାତ୍ରା ନିମନ୍ତେ ମୁଖ୍ୟ ମନ୍ଦିରରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ପାଳିତ ହୋଇଥିଲା।

### ୨ ବର୍ଷ ପରେ ଯାତ୍ରା

ମାନସିକଧାରୀମାନେ ନାନା ବେଶରେ ସଜ୍ଜିତ ହୋଇଥିବା ଦେଖାଯାଇଛି। ବିଭିନ୍ନ ସାହିରେ ସ୍ୱାଗତ ତୋରଣ ଓ ଆଲୋକମାଳାରେ ସଜ୍ଜିତ କଳାକୁଞ୍ଜଗୁଡିକ ଦେଖିବା ପାଇଁ ସନ୍ଧ୍ୟାରେ ଗହଳି ହେଉଛି। ରବିବାର କେଉଟବାଡ଼ ପକ୍ଷରୁ ଠାକୁରଙ୍କ ବିଗ୍ରହକୁ ସହର ପରିକ୍ରମା କରାଯାଇଛି। କେଉଟବାଡ଼ ଯାତ୍ରା କମିଟି ସଭାପତି ଭୀମସେନ ବେହେରାଙ୍କ ପରିଚାଳନାରେ ୨ୟ ଦିନ ଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଛି। ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ସହ ଶାନ୍ତି ଶୃଙ୍ଖଳାରେ ଯାତ୍ରା ପରିଚାଳନା ନିମନ୍ତେ ଯାତ୍ରା କମିଟି, ସାହି ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ଆୟୋଜନକୁ ସୁବ୍ୟବସ୍ଥିତ ଲାଗି ସହଯୋଗ କରାଯାଇଛି।

# ରାମ ଚରିତ ମାନସ ପାରାୟଣ

ଦାରିଙ୍ଗବାଡ଼ି, ୧୫।୫(ଡି.ଏନ.ଏ)


କଳସ ଯାତ୍ରା।

ଦାରିଙ୍ଗବାଡ଼ି ଶିବମନ୍ଦିର ପ୍ରାଙ୍ଗଣରେ ପ୍ରଥମଥର ପାଇଁ ଶ୍ରୀରାମ ଚରିତ ମାନସ ପାରାୟଣ ଆରମ୍ଭ ହୋଇଥିବା ବେଳେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର କଳସଯାତ୍ରା କରାଯାଇଥିଲା। ପରେ ଇନ୍ଦ୍ରପୂଜା ସହ ଆଜ୍ଞାମାଳ ଅଣାଯାଇ ଅସ୍ଥାୟୀ ମଣ୍ଡପଠାରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ରବିବାରଠାରୁ ରାମଚରିତ ମାନସ ପାରାୟଣ, ଘୃତଯଜ୍ଞ, ନାମଯଜ୍ଞ ଓ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ କଥା ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ୨୪ରେ ଏହା ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ଅବସର ପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ଦାସ, ପତିତବାବନ ରାଉତ ପ୍ରମୁଖ କହଛନ୍ତି। ପ୍ରଥମ ଦିନ କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ିର ଶତାଧିକ ଶ୍ରଦ୍ଧାଳୁ ଭିଡ଼ ଜମିଥିଲା।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବ୍ରହ୍ମପୁର ଅଫିସ୍, ୧୫।୫

ପଦ୍ମଶ୍ରୀ ଉପାଧିପ୍ରାପ୍ତ ଡ. କୃଷ୍ଣ ମୋହନ ପାଠୀଙ୍କ ଲିଙ୍ଗରାଜ ନଗର ସ୍ଥିତ ବାସଭବନରେ ଶନିବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଏମ୍‌ଟି, ବିଏମ୍‌ଆଇ, ୟୁରିକ ଏସିଡ ଓ ନ୍ୟୁରୋଲୋଜି ପରୀକ୍ଷା ହୋଇଥିଲା।

# ସ୍ତ୍ରୀଙ୍କୁ ନିର୍ଯାତନା ସହ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ବ୍ରହ୍ମପୁର ଅଫିସ, ୧୫।୫

ଜନୈକା ମହିଳାଙ୍କୁ ତାଙ୍କ ସ୍ୱାମୀ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନାମ ସଞ୍ଜୀବ କୁମାର ଦଳାଇ (୩୫)। ମାମଲା ନଂ.୬୪/୨୨ରେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଦମୟନ୍ତୀ ସ୍ୱାଇଁଙ୍କୁ ୨୦୧୫ ଏପ୍ରିଲ ୨୨ରେ ଆସ୍କାରୋଡ ଶ୍ରୀରାମନଗର ଅଞ୍ଚଳର ସଞ୍ଜୀବ କୁମାର ଦଳାଇ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ଲକ୍ଷାଧିକ ଟଙ୍କା, ସୁନାଗହଣା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହର କିଛି ବର୍ଷ ପରେ ସଞ୍ଜୀବ ତାଙ୍କ ସ୍ତ୍ରୀଙ୍କୁ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଭାଗ୍ୟକୁ ଆଦରି ସେ ସବୁକୁ ଦମୟନ୍ତୀ ସହ୍ୟ କରି ଆସୁଥିଲେ। ତେବେ ଗତ ୯ ତାରିଖ ରାତି ୧୧ଟା ବେଳେ ସଞ୍ଜୀବ ଘରକୁ ଆସି ଦମୟନ୍ତୀଙ୍କୁ ମାରପିଟ କରିବା ସହ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ସେଠାରୁ ସେ କୌଶଳକ୍ରମେ ଖସି ଆସି ତାଙ୍କ ବାପାଙ୍କ ଘରକୁ ଚାଲି ଯାଇଥିଲେ। ପରେ ସେ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ତାଙ୍କ ସ୍ୱାମୀଙ୍କୁ ଗିରଫ କରିଥିବା କହିଛି।

# ୫ ଡକାୟତ ଗିରଫ, ସୁନାଗହଣା ସହ ବାଇକ୍ ଜବତ

ଫୁଲବାଣୀ ଅଫିସ/ଟିକାବାଲି, ୧୫।୫

କନ୍ଧମାଳ ଜିଲା ଟିକାବାଲି ଥାନା ପୋଲିସ ଏକ ଡକାୟତି ଘଟଣାରେ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରାହ୍ମଣୀଗାଁର ଉଦ୍ଧବ ମଲ୍ଲିକ, ଆଦମ ମାଝି, ରହିମ ମାଝି, ଦାରିଙ୍ଗିବାଡିର କୃପାକର ମୁଖି ଓ ଟିକାବାଲିର ସଞ୍ଜୟ କୁମାର ମଲ୍ଲିକ। ଗିରଫ ଡକାୟତମାନଙ୍କଠାରୁ ୨୦ଗ୍ରାମ ସୁନାଗହଣା, ୨ଟି ବାଇକ ଓ

### ଧରାଇଲା ଚୋରି ମୋବାଇଲ ଫୋନ୍

ମୋବାଇଲ ଫୋନ ଜବତ କରାଯାଇଛି। ଜଣେ ଡକାୟତ ଚୋରି ମୋବାଇଲ ଫୋନ୍‌ରେ ସିମ୍ ପକାଇ ବ୍ୟବହାର କରୁଥିଲେ। ଉକ୍ତ ଫୋନର ଗତିବିଧି ଜାଣି ପୋଲିସ ପିଛା କରିବା ସହ ଜଣକ ପରେ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ଆଉ ୨ଜଣ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜି.ଉଦୟଗିରି ଏସ୍‌ଡିପିଓ ଡି.ଟି.ଆର ପଟ୍ଟନାୟକ ଟିକାବାଲି ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନା ଅନୁସାରେ, ଗତ ୨୩ ତାରିଖ ରାତିରେ ୬/୭ଜଣ ଡକାୟତ ଟିକାବାଲି ଥାନା ଅନ୍ତର୍ଗତ କଇଁଝର ଗ୍ରାମର ଫାର୍ମାସିଷ୍ଟ ପ୍ରଶାନ୍ତ ପାତ୍ରଙ୍କ ଘରେ ପଶିଥିଲେ। ସେମାନେ ଖେଳନା ବନ୍ଧୁକ ଦେଖାଇ ଧମକ ଦେବା ସହ ପ୍ରଶାନ୍ତଙ୍କୁ ମାଡ଼ ମାରିଥିଲେ। ଏଥିରେ ପ୍ରଶାନ୍ତ ଏବଂ ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଡକାୟତମାନେ ଘରୁ ୬୦ଗ୍ରାମ ସୁନା ଗହଣା, ମୋବାଇଲ ଫୋନ, ଏକ ଆପଲ ଟାବଲେଟ, ୬୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ପ୍ରଶାନ୍ତ ୨୪ ତାରିଖରେ ଥାନାରେ ଏତଲା ଦେଇଥିଲେ। ନଂ.୨୬/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ବୋଲି ଥାନାଧିକାରୀ ଅଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୬ କୋର୍ଟ ଚାଲାଣ

ଗୋପାଳପୁର, ୧୫।୫(ଡି.ଏନ.ଏ.)

ଗୋପାଳପୁର ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ୬ ଜଣଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭେଙ୍କଟରାୟପୁର ଗ୍ରାମର ଶିବ ନାୟକ, ଭାପୁର ବଜାର ଭଣ୍ଡାରିସାହିର ଅନିଲ ମାହାଙ୍କୁଡ, ଲୋଚାପଡାର କେ ମୋହନ, ମିଟୁ ଦାସ, ଗେଟ ବଜାର ଓଆରଟି କଲୋନୀର ଶନିଆ ପ୍ରଧାନ ଓ ପ୍ରହଲ୍ଲାଦ ନଗର ପ୍ରଥମ ଗଳିର କାଳିଆ ସାହୁ। ସେମାନଙ୍କଠାରୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ପଥରା ଛକ ନିକଟରେ ଗୋପାଳପୁର ଥାନା ପୋଲିସ ବ୍ଲକିଂ କରୁଥିବା ବେଳେ ଉକ୍ତ ସାଲବେଗନଗରଠାରେ କିଛି ଅପରାଧୀ ଡକାୟତି ଯୋଜନା କରୁଥିବା ପୋଲିସକୁ ଖବର ମିଳିଥିଲା। ତେଣୁ ସେଠାରେ ଚଢ଼ାଉ ହୋଇଥିଲା। ପୋଲିସକୁ ଦେଖି ଅପରାଧିମାନେ ହାତ ତିଆରି ବୋମା ପକାଇଥିଲେ ମଧ୍ୟ ସୌଭାଗ୍ୟବଶତଃ ଅଳ୍ପକେ ବର୍ତ୍ତିଯାଇଥିଲେ। କୌଶଳକ୍ରମେ ପୋଲିସ ସେଠାରୁ ୬ ଜଣଙ୍କୁ ଧରିଥିଲା। ତାଙ୍କଠାରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହା ରଡ, ଦୁଇଟି ଟର୍ଚ୍ଚ ଲାଇଟ, ଗୋଟିଏ ହାତ ତିଆରି ବୋମା ଓ ୪ଟି ଖାଲି ମଦ ବୋତଲ ଜବତ କରିଛି। ଥାନାରେ ଛଅ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିବା ବେଳେ ଜାତୀୟ ରାଜପଥରେ ଥିବା ମାରୁତି ସୋରୁମ, ବିଲୁ ଢ଼ାବା, ପେଟ୍ରୋଲ ପମ୍ପ ଓ ସାଇ ଦୁର୍ଗା ସର୍ଭିସ ସେଣ୍ଟର ଉପରେ ଶିବ, ଅନିଲ, ମିଟୁ, କାଳିଆ, ସନିଆ ଓ ମୋହନ ମିଶି ଡକାୟତି ଯୋଜନା କରୁଥିବା ନେଇ ପୋଲିସ ନିକଟରେ ପ୍ରକାଶ କରିଥିଲେ। ଅଭିଯୁକ୍ତ ଶିବଙ୍କ ନାଁରେ ଏକାଧିକ ମାମଲା ରହିଛି ବୋଲି ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

# ମହୁଲ ଫୁଲ ବିକି ପରିବାର ପୋଷୁଛନ୍ତି ଆଦିବାସୀ

ଆର.ଉଦୟଗିରି, ୧୫।୫(ଡି.ଏନ୍.ଏ.)


ଅଞ୍ଚଳର ଜଣେ ଆଦିବାସୀ ମହିଳା ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

ପ୍ରକୃତିର ଋତୁ ପରିବର୍ତ୍ତନ ଅନୁଯାୟୀ ବୃକ୍ଷରାଜି ଫୁଲ ଫଳରେ ପରିବର୍ତ୍ତନ ଘଟେ। ଫଳରେ ଋତୁ ଅନୁଯାୟୀ ଏବେ ମହୁଲ ଫୁଲର ବାସ୍ନାରେ ମହକୁଛି ପ୍ରକୃତି। ଆଉ ସେହି ମହୁଲ ଫୁଲ ମଧ୍ୟ ଆଦିବାସୀଙ୍କୁ ଦେଉଛି ଜୀବିକା। ହେଲେ ବିକ୍ରି ପାଇଁ ସରକାରଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ଆର୍ଥିକ ଅନଟନ ଯୋଗୁ ଦୁର୍ଗମ ଅଞ୍ଚଳରେ ଅବହେଳିତ ଅବସ୍ଥାରେ ଗଜପତିର ଆଦିବାସୀ। ଫଗୁଣ ଆରମ୍ଭରୁ ଫୁଟିବା ଆରମ୍ଭ ହୁଏ ମହୁଲ ଫୁଲ। ଆଉ ଚୈତ୍ର ଯାଇ ବୈଶାଖ ମାସର ପ୍ରାୟ ଶେଷପର୍ଯ୍ୟନ୍ତ ଗଛରୁ ଝଡ଼ିଥାଏ ଏହି ଫୁଲ। ତେଣୁ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ମହୁଲ ଫୁଲ ବିକ୍ରି କରି ରୋଜଗାର ଆଶାରେ ନିଜର କୋମଳମତି ଶିଶୁମାନଙ୍କୁ ଘର ବାରଣ୍ଡାରେ ଶୁଆଇଦେଇ ରାତି ପାହିଲେ ପିଲାଠାରୁ ଆରମ୍ଭ କରି ବୁଢ଼ା ଯାଏ ସମସ୍ତେ ମହୁଲ ଫୁଲ ସଂଗ୍ରହ ପାଇଁ ପହଞ୍ଚି ଯାଆନ୍ତି ଗଛମୂଳରେ। ଆଉ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସଂଗ୍ରହ କରନ୍ତି ମହୁଲ ଫୁଲ। ଘରେ ଘରେ ଏବେ ମହୁଲ ଫୁଲ ଶୁଖୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଗଜପତି ଜିଲା ଆର. ଉଦୟଗିରି ବ୍ଲକ କଙ୍କଡ଼ାଗୁଡା, ଲୁବୁସିଂ, ମୋହନା ବ୍ଲକ୍‌ର ବିରିକୋଟ, ଅଡ଼ବା, ନୂଆଗଡ଼ ବ୍ଲକର ଶରଳାପଦର, ପରିମଳ, ଅନୁଗୁର, କିରାମା, ପୁଟରୁପଡା, ବେତାରସିଂ ଭଳି ଦୁର୍ଗମ ଅଞ୍ଚଳରେ ଏହି ଆଦିବାସୀମାନେ ବସବାସ କରୁଛନ୍ତି। ସେମାନେ ଜଣେ ଜଣେ ଗୋଟିଏ ଗୋଟିଏ ଗଛରୁ ଦିନକୁ ପ୍ରାୟ ୨ରୁ ୩ କେଜି ମହୁଲ ଫୁଲ ସଂଗ୍ରହ କରି କୁଇଣ୍ଟାଲ କୁଇଣ୍ଟାଲ ଗଚ୍ଛିତ କରିବାରେ ସକ୍ଷମ ହୋଇଥାନ୍ତି। କିଛି ଛାତ୍ରୀଛାତ୍ର ସ୍କୁଲରେ ପଢୁଥିବା ବେଳେ ଅନେକ କୋମଳମତି ଛାତ୍ର ମହୁଲ ଫୁଲ ସଂଗ୍ରହ କରି ବୋହିନେଇ ଆସୁଥିବା ଦୃଶ୍ୟ ଏବେ ସାମ୍ନାକୁ ଆସୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିକ୍ରି ବ୍ୟବସ୍ଥା ନ ଥିବାରୁ ଆଦିବାସୀମାନେ ସ୍ଥାନୀୟ ସାଉକାରଙ୍କୁ ବିକ୍ରିକରି ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ମେ, ୨୦୨୨



## ସଂକ୍ଷେପରେ

### ଭଡ଼ାଘରୁ ଯୁବକଙ୍କ ମୃତଦେହ ଜବତ

**ନୟାଗଡ଼ ଅଫିସ,୧୫।୫:** ନୟାଗଡ଼ ଟାଉନ ଥାନା ପୋଲିସ ତୁଳସୀପୁରର ଏକ ଭଡା ଘରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ହେଲେ ନୀଳାଞ୍ଚଳ ପଣ୍ଡା(୨୨)। ଘର ଗଞ୍ଜାମ ଜିଲା ମନ୍ଦାର ନଳସାହିରେ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୨) ରୁଜୁ ହୋଇଛି। ନୀଳାଞ୍ଚଳ ଗତ କିଛି ଦିନ ତଳେ ତୁଳସୀପୁରରେ ଘର ଭଡା ନେଇଥିଲେ । ସେ ନୟାଗଡ଼ର ଏକ ଗାଡ଼ି ସୋରୁମରେ କାମ କରୁଛନ୍ତି ବୋଲି ପରିଚୟ ଦେଇଥିଲେ । ରବିବାର ସକାଳେ ଭଡା ଘରୁ ରକ୍ତ ବାହାରକୁ ଆସୁଥିବାର ଦେଖାଯାଇଥିଲା । ସ୍ଥାନୀୟ ଲୋକ ପୋଲିସକୁ ଖବର ଦେବା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ବନ୍ଦ କୋଠରୀରୁ ମୃତଦେହ ଜବତ କରିଥିଲା । ସାଇଣ୍ଟିଫିକ ଟିମ୍ ତଦନ୍ତ ଜାରି ରଖିଛି । ପ୍ରାଥମିକ ତଦନ୍ତରୁ ନୀଳାଞ୍ଚଳ ଆତ୍ମହତ୍ୟା କରିଥିବା ପୋଲିସ କହିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ପ୍ରଜ୍ଞା ପରମିତା ଜେନା କହିଛନ୍ତି ।

### ମହିଳାଙ୍କ ସୁନା ଚେନ୍ ଲୁଟ୍

**ନୟାଗଡ଼ ଅଫିସ,୧୫।୫:** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସର ବ୍ରିଜ ନିକଟରେ ଏକ ଲୁଟ୍ ଘଟଣା ଘଟିଛି। ଦଶପଲ୍ଲାର ସୁଧାଂଶୁ ଶେଖର ଦେଓ ଓ ସ୍ତ୍ରୀ ଶୁଭସ୍ମିତା ଖୋର୍ଦ୍ଧାରୁ ଦଶପଲ୍ଲାକୁ ଫେରୁଥିଲେ । ଫେରିବା ବାଟରେ ପଣ୍ଡୁସର ବ୍ରିଜ ନିକଟରେ ଦୁଇ ଯୁବକ କଳା ବାଇକ୍‌ରେ ଆସି ଶୁଭସ୍ମିତାଙ୍କ ବେକରୁ ଚେନ୍ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ କରାଯିବା ପରେ ଇଟାମାଟି ଥାନା ପୋଲିସ ଏକ ମାମଲା(ନଂ.୧୦୨/୨୨) ରୁଜୁ କରି ତଦନ୍ତ କରୁଛି ।

### ପୂର୍ବତନ ବିଧାୟକ ଉମାକାନ୍ତଙ୍କ ଶ୍ରାଦ୍ଧ ଦିବସ

ଭଞ୍ଜନଗର,୧୫।୫(ଡି.ଏନ.ଏ):

ଭଞ୍ଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସର୍ଗତ ଉମାକାନ୍ତ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରବିବାର ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉମାକାନ୍ତଙ୍କ ଉପରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିରେ ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କଲେଜ ଅଧକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସରକାରୀ ଓକିଲ ଏମ୍ ତାଜ ଆଦେନୀ, ଲେଖକ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ପଦ୍ମଶ୍ରୀ ରଜତ କରଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୧୫।୫(ଡି.ଏନ.ଏ):

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ଖୋଲଖାଲି ଗ୍ରାମସ୍ଥ କାର୍ଯ୍ୟାଳୟରେ ପଦ୍ମଶ୍ରୀ ରଜତ କରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଭଞ୍ଜମାଟି ପତ୍ରିକାର ସମ୍ପାଦକ କାମରାଜୁ ସାହାଣିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ କବି ଅନନ୍ତ କର ଉଦ୍‌ଘାଟନ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ରଘୁନାଥ ସାହୁ, ମୁଖ୍ୟ ବକ୍ତା ଭାବେ ଅଧାପକ ବିଭୂତି ଭୂଷଣ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ଭୋଳ ପ୍ରମୁଖ ଯୋଗ ଦେଇ ଶୋକ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ଦାଶ, ଗୌରୀ ଶଙ୍କର ମିଶ୍ର, ରାମଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ପାତ୍ର, ରବୀନ୍ଦ୍ର ବିଶ୍ୱାଳ, ପ୍ରଦୀପ ଲେଙ୍କା ଓ ସିଦ୍ଧାର୍ଥ ଶଙ୍କର ସାଇଁ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

# ସୁରକ୍ଷା ପ୍ରାଚୀର ନିର୍ମାଣ ହେଲା

- ବହୁ ସବ୍‌ଷ୍ଟେଶନ ଏବେ ବି ମୁକୁଳା ପଡ଼ିଛି
- ପର୍ଯ୍ୟାୟ କ୍ରମେ କାମ ହେବ କହିଲେ କର୍ତ୍ତୃପକ୍ଷ

**ଖଣ୍ଡପଡ଼ା,୧୫।୫(ସ୍ୱ.ପ୍ର.)**



ନିର୍ମାଣ ହୋଇଥିବା ସୁରକ୍ଷା ପ୍ରାଚୀର।

**ଧରିତ୍ରୀ ପ୍ରଭାବ**

ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ (ଟିପିସିଓଡିଏଲ) ଅଧୀନରେ ଥିବା ଅଧିକାଂଶ ଟ୍ରାନ୍ସଫର୍ମର ଓ ସବ୍‌ଷ୍ଟେଶନ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଟିପିସିଓଡିଏଲର ଖାମଖିଆଲ ମନୋଭାବ ଯୋଗୁ ସେଗୁଡ଼ିକ ବିଭିନ୍ନ ସମୟରେ ବିପଦକୁ ଆମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି । ଟ୍ରାନ୍ସଫର୍ମର ଏବଂ ସବ୍‌ଷ୍ଟେଶନ ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଉନାହିଁ । ଏ ସଂକ୍ରାନ୍ତରେ ଗତ ଫେବୃୟାରୀ ୨ରେ ଧରିତ୍ରୀରେ 'ରାସ୍ତା ପାର୍ଶ୍ୱରେ ବିପଦ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହାପରେ ଟିପିସିଓଡିଏଲ୍ ପକ୍ଷରୁ କଚେରୀ, କୁମ୍ଭାରସାହି ଓ ଗଡ଼ଭିତରସାହିରେରେ ଥିବା ସବଷ୍ଟେଶନର ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇଛି। ତେବେ ଅନ୍ୟାନ୍ୟ ସବଷ୍ଟେଶନଗୁଡିକ ରାସ୍ତାପାର୍ଶ୍ୱରେ ଖୋଲାମେଲାରେ ରହିଛି। ସେହି ରାସ୍ତା ଦେଇ ଶତାଧିକ ଗୋରୁ ଚଳପ୍ରଚଳ କରୁଛନ୍ତି। ଏଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ବିଶେଷ କରି ଖଣ୍ଡପଡ଼ା ବ୍ଲକ ଅଧୀନ ଉମାଦେବୀ ଛକ, ଦୋସନ୍ଧି ସାହି, ରଥଗଡା ଛକ, କାଦୁଆସାହି, ଥାନା ପାଖ, ଗଉଡ଼ ସାହି, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପାଖ, ନୂଆପୋଖରୀ ପାଖ, ମଠସାହି, ବାଇପାସ ରାସ୍ତାପାର୍ଶ୍ୱ, ଫାୟାର ଷ୍ଟେଶନ ପାଖ, ମଧୁବନ ସାହି, ଗିରି ହନୁମାନ ମନ୍ଦିର ପାଖ, ନୂଆସାହାସପୁର, ତୁଳସୀବାରି, ଟିଙ୍କଟୁଆ, କଳସପଲ୍ଲୀ, କରଡାବଣୀ, ଶାଳବଣୀ, ମେଡିକାଲ, ଡାକଘର ଓ ଖଣ୍ଡପଡା ମହିଳା ମହାବିଦ୍ୟାଳୟ ନିକଟରେ ଥିବା ସବ୍‌ଷ୍ଟେଶନ ତଥା ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ପ୍ରାଚୀର ନାହିଁ । ଏ ସମ୍ପର୍କରେ ଖଣ୍ଡପଡ଼ା ଉପଖଣ୍ଡ ସହକାରୀ ଯନ୍ତ୍ରୀ ଅନୀଲ କୁମାର ସାହୁ କହିଛନ୍ତି, ଏତେ ଗୁଡିଏ ସବ୍‌ଷ୍ଟେଶନ ପାଇଁ ଏକକାଳୀନ ସୁରକ୍ଷା ପ୍ରାଚୀର କରିବା ସମୟ ସାପେକ୍ଷ । ଅଧିକ ବିପଦସଙ୍କୁଳ ଅବସ୍ଥାରେ ଥିବା ସବ୍‌ଷ୍ଟେଶନ ପ୍ରତି ପ୍ରଥମ ପର୍ଯ୍ୟାୟରେ କାମ କରାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟ ସବ୍‌ଷ୍ଟେଶନ ପ୍ରତି ପଦକ୍ଷେପ ଗ୍ରହଣ କରାଯିବ ।

# ୧୨ବର୍ଷ ପରେ ଘରକୁ ଫେରିଲେ ମୋହନ

**ଭାପୁର,୧୫।୫ (ଡି.ଏନ.ଏ.)**



ଗାଁକୁ ଫେରିଥିବା ମୋହନ କୁମାର ସାହୁ।

ନିଖୋଜର ୧୨ବର୍ଷ ପରେ ଜଣେ ବ୍ୟକ୍ତି ଘରକୁ ଫେରିବା ଘଟଣା ଭାପୁର ବ୍ଲକରେ ଚର୍ଚ୍ଚା ବିଷୟ ହୋଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଭାପୁର ବ୍ଲକ ରାକମା ପଞ୍ଚାୟତ ଶାଳଝରିଆ ଗ୍ରାମର ପ୍ରମିଳା ସାହୁଙ୍କ ସ୍ୱାମୀ ମୋହନ କୁମାର ସାହୁ (୫୫) ୧୨ବର୍ଷ ତଳେ କେଉଁ ଆଡେ ଚାଲି ଯାଇଥିଲେ । ବହୁ ଖୋଜାଖୋଜି ପରେ ବି ତାଙ୍କର ସନ୍ଧାନ ମିଳି ନ ଥିଲା । ପରିବାର ଲୋକଙ୍କ ସହିତ ଗ୍ରାମବାସୀ ତାଙ୍କର ଆଶା ଛାଡି ଦେଇଥିଲେ । ହେଲେ ପ୍ରମିଳା ସ୍ୱାମୀଙ୍କ ଆଶା ଛାଡି ନ ଥିଲେ । ସେ ମୋହନଙ୍କ ଫେରିବା ବାଟକୁ ଅପେକ୍ଷା କରିବା ସହିତ ଦିଅଁଦେବତାଙ୍କ ପାଖରେ ଓଷା ବ୍ରତ କରୁଥିଲେ । ଦିନେ ଏହି ଦମ୍ପତି ଜଳଖିଆ ବ୍ୟବସାୟ କରି ନିଜ ପରିବାର ଚଳାଉଥିଲେ । ହେଲେ ମୋହନଙ୍କ ସାମାନ୍ୟ ମାନସିକ ବିକୃତି ଥିଲା । ଦିନେ ମୋହନ କୁଆଡ଼େ ଚାଲି ଯାଇଥିଲେ ଯେ ଆଉ ଫେରି ନ ଥିଲେ । ଗତ ରବିବାର ରାକମା ପଞ୍ଚାୟତ ଶାଳଝରିଆ ନିଜ ଗ୍ରାମରେ ମୋହନ ପହଞ୍ଚି ଥିଲେ । ନିଜର ପରିଚୟ ଦେବାପରେ ଗ୍ରାମବାସୀ ତାଙ୍କୁ ଚିହ୍ନି ଥିଲେ । ଏକଥା ପ୍ରଚାରିତ ହେବା ପରେ ଗ୍ରାମରେ ଖୁସିର ଲହରୀ ଖେଳିଯାଇଥିଲା। ଗ୍ରାମବାସୀଙ୍କ ବିଭିନ୍ନ ପ୍ରଶ୍ନରେ ମୋହନ କହିଛନ୍ତି, ମୁଁ ଭୁବନେଶ୍ୱର ଯାଇ ସେଠାରୁ ଟ୍ରେନରେ ପଞ୍ଜାବ ପଳାଇଥିଲି । ସେଠାରେ ପହଞ୍ଚି ଅମୃତସରରେ ରହିଥିଲି । ଭୋକ ଉପାସରେ କିଛିଦିନ ରହିବା ପରେ ସେଠାରେ ଜଣେ ବ୍ୟକ୍ତିଙ୍କ ବିଲବାଡିରେ ମୂଲ ଲାଗି ଖାଉଥିଲି । ୧୨ବର୍ଷ ପରେ ଘର ଓ ପରିବାର ଲୋକଙ୍କ କଥା ତାଙ୍କର ମନେ ପଡିଥିଲା । ଏହାପରେ ସେ ଭୁବନେଶ୍ୱର ଆସୁଥିବା ଟ୍ରେନରେ ବସି ପଡିଥିଲେ। ପାଖରେ ଥିଲା ମାତ୍ର ୧୭ଟଙ୍କା। ଭୁବନେଶ୍ୱରରେ ଓହ୍ଲାଇବା ପରେ ସେଠାରୁ ଚାଲି ଚାଲି ୮୦ କିଲୋମିଟର ଆସିଥିଲି ବୋଲି କହି ମୋହନ କାନ୍ଦି ପକାଇଥିଲେ ।

ଏ ସଂକ୍ରାନ୍ତରେ ଶାଳଝରିଆ ଗ୍ରାମର ଶିକ୍ଷାବିତ୍ ହାଡିବନ୍ଧୁ ଦାସ କହିଛନ୍ତି, ସବୁ ଭଗବାନଙ୍କ ଲୀଳା । ଗ୍ରାମବାସୀ କେବେ ଆଶା କରି ନ ଥିଲେ ମୋହନ ଫେରି ଆସିବେ ବୋଲି । ହେଲେ ଭଗବାନ ଫେରାଇ ଆଣିଲେ । ତାଙ୍କ ସ୍ତ୍ରୀ ଏବେ ପୁରୀର ଏକ ମଠରେ ଅଛନ୍ତି । ସ୍ୱାମୀଙ୍କ ଫେରିବା ଖବର ଶୁଣି ସେ ଖୁସିରେ ଆତ୍ମବିଭୋର ହୋଇପଡିଛନ୍ତି । ସେ ସୋମବାର ଗାଁରେ ପହଞ୍ଚି ମୋହନଙ୍କୁ ପୁରୀ ନେଇଯିବେ ବୋଲି କହିଛନ୍ତି। ପୁରୀ ସମୁଦ୍ରରେ ସ୍ୱାମୀଙ୍କୁ ସ୍ନାନ କରାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରାଇବେ ବୋଲି କହିଛନ୍ତି । ମୋହନ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମର ନିଜର ଜଣେ ସମ୍ପର୍କୀୟ ଘରେ ବର୍ତ୍ତମାନ ରହୁଛନ୍ତି ।

# ଭୋଟର ଲିଷ୍ଟ ସଂଶୋଧନ ପାଇଁ ବୈଠକ



ବୈଠକରେ ଯୋଗ ଦେଇଥିବା ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି।

**ଭାପୁର,୧୫।୫ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ୍‌ରେ ପଞ୍ଚାୟତ ନିର୍ବାଚନ ସମୟରେ ବହୁ ଭୋଟରଙ୍କ ନାମ ଭୋଟର ଲିଷ୍ଟରେ ନ ଥିଲା । ଅନେକ ଭୋଟରଙ୍କ ନାମ ଏକାଧିକ ବୁଥ୍‌ରେ ରହିଥିଲା । ଫଳରେ ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭାପୁର ବ୍ଲକ୍ ପରିସରରେ ରବିବାର ଭୋଟର ତାଲିକା ସଂଶୋଧନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନୟାଗଡ଼ ଜିଲା ବିଏଲଓ ସୁପରଭାଇଜର ଅଜୟ କୁମାର ସାହୁ, ଡାଟା ଏଣ୍ଟ୍ରି ଅପରେଟର ଦେବାଶିଷ ପ୍ରଧାନ, ଭାପୁର ଜେପିଓ ଅବିନାଶ ପତି, ୧୦୧ ବୁଥ୍ ଲେଭୁଲ ଅଫିସର ପ୍ରମୁଖ ଯୋଗଦେଇ ସଂଶୋଧନ ଉପରେ ଗୁରୁତ୍ୱାରୋପ କରିଥିଲେ ।

### ଯୁବତୀଙ୍କୁ କମେଣ୍ଟ ମାରିବାକୁ ନେଇ ନନ୍ଦପୁରରେ ଉତ୍ତେଜନା

**ନିସ୍ତୁକ ଛେଚା ଖାଇଲେ ଯୁବକ**

**ନୟାଗଡ଼ ଅଫିସ,୧୫।୫**

ନୟାଗଡ଼ ଜିଲା ଇଟାମାଟି ଥାନା ନନ୍ଦପୁର ଗାଁରେ ଯାତ୍ରା ଚାଲିଥିବା ବେଳେ ଯୁବତୀଙ୍କୁ କମେଣ୍ଟ ମାରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଯୁବକମାନେ କମେଣ୍ଟ ମାରିଥିବା ଯୁବକଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଛନ୍ତି । ଖବର ପାଇ ଇଟାମାଟି ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି । ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୦ଟା ସମୟରେ ଯାତ୍ରା ଦେଖିବାକୁ ଆସିଥିବା କେତେଜଣ ଯୁବତୀ ଏବଂ ନାଚରେ ଅଂଶ ଗ୍ରହଣ ଥିବା ଯୁବତୀମାନଙ୍କୁ ଦେଖି ସ୍ଥାନୀୟ ଫାଶୀପଡ଼ା ଗାଁର ଜଣେ ଯୁବକ କମେଣ୍ଟ ମାରିବା ସହ ଅଶଭ୍ୟ ଭାଷାରେ ଥଟ୍ଟମଜା କରିଥିଲେ । ସ୍ଥାନୀୟ ଲୋକ ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ଯୁବକ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଯୁବକମାନେ ସମ୍ପୃକ୍ତ ଯୁବକଙ୍କୁ ଧରି ନିସ୍ତୁକ ମାଡ଼ ମାରିବା ସହ ଗାଁ କୋଠ ଘରେ ଅଟକ ରଖିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳର ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ସେହି ଯୁବକଙ୍କୁ ଥାନାକୁ ନେଇଛି ।

# କଂସାରୀ ସମାଜର କାର୍ଯ୍ୟକାରିଣୀ ବୈଠକ

**ନୟାଗଡ ଅଫିସ,୧୫।୫**

ନିଖିଳ ଉତ୍କଳ କଂସାରୀ ସମାଜର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅପରାହ୍ନରେ ଖଣ୍ଡପଡା ରୋଡସ୍ଥିତ ନୟାଗଡ଼ ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଙ୍ଗଠନ ସହିତ କଂସାରୀ ସମାଜ ଓ କାରିଗରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ମହାରଣା ପୂର୍ବ ଅଧିବେଶନର ବିବରଣୀ ପାଠ କରିବାପରେ ଦୃଢୀକରଣ କରାଯାଇଥିଲା । ପୁରୀ ଜିଲା ଉପ ସଭାପତି ପ୍ରଭୁ ନାରାୟଣ ମହାପାତ୍ର, ନୟାଗଡ଼ ଜିଲା ସଭାପତି ମୃତ୍ୟୁଞ୍ଜୟ ସାହୁ, ରାଜ୍ୟ ସ୍ତରୀୟ ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ସମ୍ପାଦକ ଶ୍ରୀପତି ମହାରଣା,ମଙ୍ଗୁଲୁ ସାହୁ,କାର୍ଯ୍ୟକାରୀ କମିଟି ସଭ୍ୟ ଉଜ୍ଜ୍ୱଳ ମହାରଣା, ରାଜକିଶୋର ସାହୁ, ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରଥିଲେ। କଂସା ପିତଳ ଶିଳ୍ପ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲର ଅଭାବ ସାଙ୍ଗକୁ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଆଲୋକପାତ କରି ସରକାରୀ ସହାୟତା କିପରି ମିଳି ପାରିବ ସେ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଆଗାମୀ ଜୁଲାଇ ମାସରେ ନିଖିଳ ଉତ୍କଳ କଂସାରୀ ସମାଜ ଓଡିଶାର ବାର୍ଷିକ ସାଧାରଣ ଅଧିବେଶନ ହେବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ଜୁନରେ ଏହାର ପ୍ରସ୍ତୁତି ବୈଠକ ପାଇଁ କାର୍ଯ୍ୟକାରିଣୀ କମିଟି ବୈଠକ କରାଯିବ। ପରିଶେଷରେ ଅନୁଷ୍ଠାନର ଆୟବ୍ୟୟ ସମୀକ୍ଷା କରାଯାଇଥିଲା । ସୂଚନା ଯୋଗ୍ୟ ଯେ, କରୋନା କଟକଣା ଯୋଗୁଁ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟକାରିଣୀ କମିଟି ବସି ପାରି ନ ଥିବାରୁ ରବିବାର ବୈଠକ କରାଯାଇଥିଲା ।

# ହାତୀବନ୍ଧ ପାର୍କ କାମ ଆରମ୍ଭ



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ହାତୀବନ୍ଧ ପାର୍କ ପୁନରୁଦ୍ଧାର କାର୍ଯ୍ୟ ଦେଖୁଛନ୍ତି।

**ଭଞ୍ଜନଗର,୧୫।୫(ଡି.ଏନ.ଏ.)**

ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମ କ୍ରମେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପଛପଟେ ଥିବା ହାତୀବନ୍ଧ ପାର୍କ କାମ ଗତ କିଛି ଦିନ ହେଲା ଆରମ୍ଭ ହୋଇଛି। ଏବେ ଉକ୍ତ ପୋଖରୀରୁ ପାଣି ନିଷ୍କାସନ କରାଯାଇ ସଫେଇ ଚାଲିଛି। ପୋଖରୀ ପୁନରୁଦ୍ଧାର ସହ ଅନ୍ୟାନ୍ୟ କାମ ହେବ। ରବିବାର ମନ୍ତ୍ରୀ ଆରୁଖ ପାର୍କ କାମ ବୁଲି ଦେଖିଛନ୍ତି। ପାର୍କରେ ଲୋକେ ଚାଲିବା ପାଇଁ ରାସ୍ତା, ବ୍ୟାୟମ କେନ୍ଦ୍ର, ମ୍ୟୁଜିକ୍ ଫାଉଣ୍ଟେନ, ବୋଟିଂ ଆଦି ସୁବିଧା କରାଯିବ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ଜଳସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହାତୀବନ୍ଧ ପୋଖରୀରେ ବ୍ରିଟିଶ ଶାସକ ମାନଙ୍କ ସେବାରେ ଥିବା ହାତୀମାନଙ୍କୁ ଗାଧୁଆ ଯାଉଥିଲା। ତେଣୁ ଉକ୍ତ ପୋଖରୀ ପରବର୍ତ୍ତୀ ପର୍ଯ୍ୟାୟରେ ହାତୀବନ୍ଧ ଭାବେ ପରିଚିତ ହୋଇଥିଲା। ସହରର ମୁଖ୍ୟସ୍ଥଳରେ ପୋଖରୀଟି ଥିଲେ ମଧ୍ୟ ତାହାର ପୁନରୁଦ୍ଧାର କରାଯାଇ ନ ଥିଲା। ଅନ୍ୟପକ୍ଷରେ ପୋଖରୀ ଅଞ୍ଚଳର କେତେକ ସ୍ଥାନ ଜବରଦଖଲରେ ରହିଛି। ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ଦାବି ହେଉଛି।

### ୪୦୭କୁ ପିଟି ବାଇକ ଚାଳକ ଗୁରୁତର

**ଖଲ୍ଲିକୋଟ,୧୫।୫(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଡିମିରିଆ ଛକ ନିକଟରେ ରବିବାର ଏକ ୪୦୭ ଗାଡିକୁ ପଛପଟୁ ବାଇକ୍ ଧକ୍କା ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ୪୦୭ ରାସ୍ତା ଉପରେ ଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମର ଅଶୋକ ଗଉଡ଼ (୪୦) ନିଜ ବାଇକରେ ଗ୍ରାମକୁ ଫେରୁଥିବା ବେଳେ ୪୦୭କୁ ଧକ୍କା ହୋଇଥିଲା। ସେ ଗୁରୁତର ଅବସ୍ଥାରେ ପଡିଥିବା ବେଳେ ଏନ୍‌ଏଚ୍ ପାଟ୍ରୋଲିଂ ପୋଲିସ ଏସଆଇ ମୃତ୍ୟୁଞ୍ଜୟ ତ୍ରିପାଠୀ ପହଞ୍ଚି ଆହତଙ୍କୁ ଖଲ୍ଲିକୋଟ ମେଡ଼ିକାଲ ପରେ ବ୍ରହ୍ମପୁର ପଠାଯାଇଛି।

# ଚିକିତ୍ସାରେ ଅବହେଳା ଅଭିଯୋଗ

**ଶେରଗଡ଼,୧୫।୫(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ ପିତଳ ଡାକ୍ତର ଖାନାରେ ଶନିବାର ଜଣେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଶାଳୀନ ବ୍ୟବହାର କରିବା ଅଭିଯୋଗରେ ରବିବାର ଡାକ୍ତ ପ୍ରିତମ ମହାପାତ୍ର ଜିଲାପାଳ ଗଞ୍ଜାମ, ସିଡିଏମ ଓ ଗଞ୍ଜାମ, ଡିଆଇଜି ଗଞ୍ଜାମ, ଗଞ୍ଜାମ ଏସ୍‌ପି ଓ ଆସିକା ଥାନା ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଶନିବାର ସୋନାଲି ସାହୁ ନିଜ ମା' ରମାଙ୍କ ଚିକିତ୍ସା କରାଇବା ପାଇଁ ଉକ୍ତ ମେଡିକାଲକୁ ଆଣିଥିଲେ। କିନ୍ତୁ ଡାକ୍ତର ଏଠାରେ ଚିକିତ୍ସା ନ କରି ରୋଗୀଙ୍କୁ ବ୍ରହ୍ମପୁର ମେଡିକାଲ ନେବାପାଇଁ କହିଥିଲେ। ଏ ନେଇ ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପୂର୍ବରୁ ମଧ କେତେଜଣ ଉକ୍ତ ଡାକ୍ତରଖାନା ନିୟମିତ ଖୋଲୁନି ବୋଲି ଉପସ୍ଥିତ ଡାକ୍ତରଙ୍କୁ ଅଭିଯୋଗ କରିଥିଲେ। ଫଳରେ ସେଠାରେ ଉତ୍ତେଜନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଆସିକା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ଡାକ୍ତରଙ୍କୁ ପଚାରିବାର ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସ୍ୱତନ୍ତ୍ର ବୈଠକ

**ନୂଆଗଡ଼,୧୫।୫**




ବୈଠକରେ ଉପସ୍ଥିତ ମୋର୍ଚ୍ଚା କର୍ମକର୍ତ୍ତା।

ଗଜପତି ଜିଲା ନୂଆଗଡ଼ ବ୍ଲକ୍. କେ. ଝାଲେରସିଂ ପଞ୍ଚାୟତର ବୁଦୁପଡା ଠାରେ ଜଙ୍ଗଲ, ଜମି ଓ ଜଳ ଅଧିକାରକୁ ନେଇ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସର୍ବ ଭାରତୀୟ ନେତା ଅନାସିମ ଶବର, ସିପିଆଇ (ଏମଏଲ) ଲିବରେସନର ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ ଓ ବୃନ୍ଦାବନ ବିଦିକା, ବିପ୍ଳବୀ ଯୁବକ ସଂଘ ସଦସ୍ୟ ସଞ୍ଜୀବ ଶବର, ନୂଆଗଡ଼ ବ୍ଲକ ସଭାପତି ନରସିଂହ ମଣ୍ଡଳ ଏବଂ ସମ୍ପାଦକ ଜାକବ କାର୍ଯୀ ଉପସ୍ଥିତ ଥିଲେ। ଏଥିରେ ଆଦିବାସୀ ମାନଙ୍କର ଅଧିକାର ବିଷୟରେ ୧୧ଦଫା ଦାବି ନେଇ ଆଲୋଚନା ସହ ବ୍ଲକର ୧୫ଜଣଙ୍କୁ ନେଇ ନୂତନ କମିଟି ଗଠନ ହୋଇଥିଲା। ଆସନ୍ତା ୨୫ ତାରିଖରେ ନୂଆଗଡ଼ ଠାରେ ଅଧିକାରକୁ ନେଇ ରାଲି, ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକକୁ ସଭାପତି ନରସିଂହ ମଣ୍ଡଳ ପରିଚାଳନା ସହିତ ଧନ୍ୟବାଦ ଦେଇଥିଲେ। ଶ୍ରୀବନ୍ ମଣ୍ଡଳ, ଯିରିମିୟ ରଇତ, ସର୍ବଶ୍ରୀ ଗମାଙ୍ଗ, ଜୀବନ ଗମାଙ୍ଗ ବୈଠକରେ ସହଯୋଗ କରିଥିଲେ।

# ରେଳପଥରେ ମାଟି କାମ ପାଇଁ ୧୪୪ ଧାରା ଜାରି

**ନୟାଗଡ଼ ଅଫିସ/ନୂଆଗାଁ, ୧୫।୫ (ଡି.ଏନ.ଏ.)**

**କ୍ଷତିପୂରଣ ପାଇ ନ ଥିବାରୁ ସୋରଡାରେ ବିରୋଧ ଜାରି**

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ନୂଆଗାଁ ତହସିଲ ସୋରଡା ଅଞ୍ଚଳର ଖାତା ନଂ ୧୬୪ରେ ପ୍ଲଟ ନଂ ୧୮୧୭, ୧୮୧୯, ୧୮୨୦, ୧୮୨୧, ୧୮୨୩ଓ ୧୮୨୪ରେ ମାଟି କାମ ଆରମ୍ଭ ହେବ । ଏଥିପାଇଁ ୧୫ ତାରିଖ ସନ୍ଧ୍ୟା ୬ଟାରୁ ୧୯ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜିଲା ପ୍ରଶାସନ ତରଫରୁ ୧୪୪ ଧାରା ଜାରି କରାଯାଇଛି ବୋଲି ଉପଜିଲାପାଳ ଲମ୍ବଜିତ୍ ରାଉତ ସୂଚନା ଦେଇଛନ୍ତି। ଏହି ସମୟରେ ପ୍ରଶାସନ ପକ୍ଷରୁ ସ୍ଥିରିକୃତ ପ୍ଲଟକୁ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଶ୍ରମିକ, କର୍ମଚାରୀ, ମିସ୍ତ୍ରୀ, ଯାନବାହନ ଯାଇପାରିବେ । ଅନ୍ୟମାନଙ୍କ ପାଇଁ ବାରଣ କରାଯାଇଛି ।

ସୂଚନା ଅନୁସାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ସୋରଡା ଅଞ୍ଚଳରେ ଜମି ଅଧିଗ୍ରହଣ ହେବାରେ ଅସୁବିଧା ଦେଖା ଦେଇଛି। ରେଳପଥ ପାଇଁ ଯାଉଥିବା ଜମିକୁ ନେଇ ସୋରଡାର କେତେଜଣ ଜମି ମାଲିକ ଓ ଗୁପ୍ତା ଇନ୍‌ଫ୍ରାଷ୍ଟ୍ରକ୍ଚର ମଧ୍ୟରେ ବିବାଦ ଲାଗି ରହିଛି । ଉଭୟ ଜମିର ମାଲିକାନା ଦାବି କରି ଆସୁଛନ୍ତି । କୋର୍ଟରେ ମୋକଦ୍ଦମା ବିଚାରଧୀନ ଥିବାବେଳେ ରେଳ ବିଭାଗ କାହାରିକୁ ଜମି ଅଧିଗ୍ରହଣ ଟଙ୍କା ଦେଇ ନାହିଁ । କୋର୍ଟ ଯାହା ସପକ୍ଷରେ ରାୟ ଦେବ ସେହି ବ୍ୟକ୍ତି ଜମି ଅଧିଗ୍ରହଣ ଟଙ୍କା ପାଇବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଉଛି । ଏଭଳିସ୍ଥଳେ ରେଳ ବିଭାଗ ବିଭିନ୍ନ ସମୟରେ ରେଳପଥର କାମ କରିବାକୁ ଚେଷ୍ଟା କରିଛି । ତେବେ କ୍ଷତିଗ୍ରସ୍ତ ଜମି ମାଲିକମାନେ ଏହାର ବିରୋଧ କରୁଥିବାରୁ ରେଳପଥ କାମ ଆଗେଇ ପାରୁ ନ ଥିଲା । ଏନେଇ କ୍ଷତିଗ୍ରସ୍ତ ଜମି ମାଲିକ ବିଭିନ୍ନ ସମୟରେ ଉପଜିଲାପାଳ, ତହସିଲଦାର, ଜିଲାପାଳ, ରେଳବାଇ ବିଭାଗର କର୍ମକର୍ତ୍ତାଙ୍କୁ ଭେଟି ସେମାନଙ୍କୁ କ୍ଷତିପୂରଣ ଦେବା ପାଇଁ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ ମଧ୍ୟ ସୁଫଳ ପାଇ ନାହାନ୍ତି । ତେବେ ବିବାଦୀୟ ଜମିରେ ରେଳପଥ ବିଭାଗ ପକ୍ଷରୁ ମାଟି କାମ ଆରମ୍ଭ ହୋଇଥିବାରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଛି ।